ଧରିତ୍ରୀ
DHARITRI
July 27- August 02, 2025 ₹ 2/-
ଧରିତ୍ରୀ 51 Years

# ଛୁଟିଦିନ



# ପିଲାଙ୍କ ସ୍ମୃତିରେ...

୩

ପ୍ରଚ୍ଛଦ ପ୍ରସଙ୍ଗ

ନିଜ ସନ୍ତାନକୁ ହରାଇ ପ୍ରତି ମୁହୂର୍ତ୍ତରେ ମରି ମରି ଜିଉଥିଲେ ବି ଏହି ମା’ବାପାମାନେ ଅନ୍ୟର କୋଳ ଯେମିତି ଖାଲି ନ ହେଉ ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ। ଯେଉଁ କାରଣରୁ ସେମାନେ ସନ୍ତାନହରା ହେଇଥିଲେ ତା’ର ସମାଧାନ କରିବାକୁ ନେଲେ ସଂକଳ୍ପ...



## ଘରର ସୁଖ ସମୃଦ୍ଧି ପାଇଁ...

ଘରେ କୌଣସି ଛୋଟମୋଟ ବାସ୍ତୁଦୋଷ ଥିଲେ ଏହାର ଅନେକ କୁ-ପ୍ରଭାବ ପରିବାରର ସୁଖ, ସମୃଦ୍ଧି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସମସ୍ୟାର ସମାଧାନ ପାଇଁ ଜାଣନ୍ତୁ କିଛିଟା ସରଳ ବାସ୍ତୁ ଟିପ୍ସ...



* ରୋଷେଇ ଘର କୋଣରେ ତମ୍ବା ପାତ୍ରରେ ଗଙ୍ଗାଜଳ ରଖିବା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି।
* ଘରର ଉତ୍ତର-ପୂର୍ବ ଦିଗରେ ମା' ଲକ୍ଷ୍ମୀଙ୍କ ଫଟୋ ଲଗାଇ ନିୟମିତ ପୂଜାର୍ଚ୍ଚନା କଲେ ସୁଖସମୃଦ୍ଧି ବୃଦ୍ଧି ପାଏ।
* ଉତ୍ତର ଦିଗରେ ଶୁଆ ଫଟୋ ଲଗାଇବା ବି ଶୁଭ। ଏହା ପିଲାଙ୍କ ଏକାଗ୍ରତା ବଢ଼ାଇବାରେ ସହାୟକ ହୋଇଥାଏ।
* ଘରର ମୁଖିଆ ନିୟମିତ ଭଗବାନ ଶିବ ଓ ଚନ୍ଦ୍ର ଦେବଙ୍କର ମନ୍ତ୍ର ଉଚ୍ଚାରଣ କଲେ ସୁଖ, ଶାନ୍ତି ବୃଦ୍ଧିପାଏ ବୋଲି ବିଶ୍ୱାସ ରହିଛି।
* ପୂର୍ବମୁଖୀ ଘରର ମୁଖ୍ୟଦ୍ୱାରରେ ସୂର୍ଯ୍ୟଯନ୍ତ୍ର ସ୍ଥାପନା କରି ପୂଜା କଲେ ପରିବାରର ଶୁଭ ହୁଏ।
* ଘରର ମଧଭାଗରେ ଯେତେ କମ୍ ଜିନିଷ ରଖିବେ ସେତେ ଭଲ। ନଚେତ୍ ଏହା ଘର ମଧ୍ୟକୁ ପ୍ରବେଶ କରୁଥିବା ସକାରାତ୍ମକ ଉର୍ଜାକୁ ବାଧା ଦେଇଥାଏ।
* ଦର୍ପଣକୁ ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାଇଲେ ଆୟ ଓ ଧନ ବୃଦ୍ଧି ପାଇଥାଏ।
* ଘରର ମୁଖ୍ୟ ଦ୍ୱାରରେ କଳା ଘୋଡ଼ାର ନାଲ ଲଗାଇବା ବି ଶୁଭଫଳ ଦେଇଥାଏ।
* ରୋଷେଇ ଘର ଏବଂ ବାଥ୍‌ରୁମ୍ ସାମ୍ନାସାମ୍ନି ରହିବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ପରିବାର ଲୋକଙ୍କର ବାରମ୍ବାର ଦେହ ଖରାପ ହୁଏ ବୋଲି ବିଶ୍ୱାସ ରହିଛି।
* କାଚ ବାଉଲ୍‌ରେ ଲୁଣ ନେଇ ବାଥ୍‌ରୁମ୍‌ରେ ରଖିଲେ ନକାରାତ୍ମକ ଶକ୍ତି ଦୂର ହୁଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୭-ଅଗଷ୍ଟ ୨, ୨୦୨୫

**ମେଷ**
କର୍ମଦକ୍ଷତାରୁ ସମ୍ମାନ, ସାମାଜିକ ପ୍ରତିଷ୍ଠା, ବନ୍ଧୁଙ୍କ ନିମନ୍ତ୍ରଣ, ପ୍ରକାଶନରେ ଦ୍ୱନ୍ଦ୍ୱ, ପ୍ରଶାସନିକ ଆଲୋଚନା, ସଙ୍ଗୀତ ସାଧନାରେ ସୁନାମ, ଆଇନ ସହାୟତା ପ୍ରାପ୍ତି, ଆତ୍ମୀୟମାନଙ୍କ ଅସହଯୋଗ, ସରକାରୀ ସାହାଯ୍ୟ ॥

**ବୃଷ**
ପାରିବାରିକ ବିତର୍କ, ଦୂରଯାତ୍ରାର ଯୋଜନା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଆର୍ଥିକ ଅଭିବୃଦ୍ଧି, ଶୁଭଖବରପ୍ରାପ୍ତି, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ସାମ୍ବାଦିକତାରୁ ଗୌରବ, ରାଜନୀତିରେ ଅଶାନ୍ତି, କାରିଗରୀରୁ ଲାଭ ॥

**ମିଥୁନ**
ସାଂସ୍କୃତିକ କାର୍ଯ୍ୟରେ ସମ୍ବର୍ଦ୍ଧନା, ସାମାଜିକ ସମ୍ମାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବ୍ୟବସାୟରେ ପ୍ରତିବନ୍ଧକ, ସାଂଗଠନିକ ସଫଳତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ଅସୁସ୍ଥ ମାନସିକତା, ବିଚାର ବଦଳାଇବେ, ପରିବହନରେ ଝଗଡ଼ା, ବନ୍ଧୁମିଳନ ॥

**କର୍କଟ**
କାର୍ଯ୍ୟଦକ୍ଷତା ବୃଦ୍ଧି, ଉଚ୍ଚସମ୍ମାନ ପାଇବେ, ଉଚ୍ଚପଦବୀ ମିଳିବ, ବନ୍ଧୁବର୍ଗରେ ଆଦର, ଅନୁକୂଳ ବାତାବରଣ, ଯାତ୍ରାରେ ସମସ୍ୟା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ଲଟିଙ୍ଗ ବ୍ୟବସାୟରେ ଉନ୍ନତି, ନୂତନ ଉଦ୍ୟୋଗ କରିବେ ॥

**ସିଂହ**
ଲକ୍ଷ୍ୟପୂରଣରୁ ଆନନ୍ଦ, ଆରୋଗ୍ୟ ଲାଭ, ବନ୍ଧୁଙ୍କ ସାହାଯ୍ୟ, ଖଳଲୋକଙ୍କ ଅପପ୍ରଚାର, ଗବେଷଣାରେ ଅଗ୍ରଗତି, ସନ୍ତାନହେତୁକ ଗୌରବ, ମହାଜନୀ ଚାପ ବଢ଼ିବ, ପ୍ରତିବନ୍ଧକ ଦୂର ହେବ ॥

**କନ୍ୟା**
ଆର୍ଥିକ ଅଭିବୃଦ୍ଧି, ପଡୋଶୀଙ୍କ ସାହାଯ୍ୟ, ଜମିଜମା କ୍ରୟ ବିକ୍ରୟ, ସନ୍ତାନଙ୍କ କୃତିତ୍ୱ, ଆନୁଷ୍ଠାନିକ ତତ୍ପରତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଅପମାନିତ ହୋଇପାରନ୍ତି, ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ॥

**ତୁଳା**
ଶାରୀରିକ ସୁସ୍ଥତା, ଆତ୍ମୀୟଙ୍କ ସହଯୋଗ, ବନ୍ଧୁବର୍ଗରେ ଶତ୍ରୁତା, ସୁଚିନ୍ତିତ କର୍ମଯୋଜନା, ଶୃଙ୍ଖଳିତ ଜୀବନଯାତ୍ରା, କଳାରେ ଉତ୍କର୍ଷ, ପରିବହନରେ ଝଗଡ଼ା, ବ୍ୟବସାୟରେ ଉନ୍ନତି, ନୂତନସମ୍ପର୍କ ସ୍ଥାପନ ॥

**ବିଛା**
ଧନହାନୀରୁ ଅନୁତାପ, ସ୍ଥଗିତକାର୍ଯ୍ୟରୁ ଦୁଃଖ, ପାରିବାରିକ ସହଯୋଗ, ପ୍ରିୟବନ୍ଧୁଙ୍କ ପରାମର୍ଶ, ଯାତ୍ରାରେ ପ୍ରତିବନ୍ଧକ, ଭୁଲ୍ ବୁଝାମଣାରୁ ଅଶାନ୍ତି, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ପରିବହନରେ ଝଗଡ଼ା, ଦୁର୍ବଳ ଆର୍ଥିକ ସ୍ଥିତି, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**
ମାନସିକ ଅସ୍ଥିରତା, ଅପବ୍ୟୟରୁ ବିରକ୍ତି, ଦୂରଯାତ୍ରାରେ ସମସ୍ୟା, ପଦସ୍ଥ ବ୍ୟକ୍ତିଙ୍କ ସହାୟତା, ଗଠନମୂଳକ କାର୍ଯ୍ୟାରମ୍ଭ, ସମସ୍ୟା ସମାଧାନ, ଶେୟାର ବଜାରରୁ ଲାଭ, ପ୍ରକଳ୍ପ କାର୍ଯ୍ୟାରମ୍ଭ, ରପ୍ତାନୀରେ ସମସ୍ୟା, ପାରିବାରିକ ବିତର୍କ, ଧର୍ମକାର୍ଯ୍ୟରେ ବାଧା ॥

**ମକର**
କାର୍ଯ୍ୟରେ ଅଗ୍ରଗତି, ସମସ୍ୟା ଦୂରେଇବ, ଉପରିସ୍ଥଙ୍କ ଅନୁକମ୍ପା, ପାରିବାରିକ ସୌହାର୍ଦ୍ଦ୍ୟ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଯାନବାହନ କ୍ରୟ, ସିଦ୍ଧାନ୍ତ ବଦଳିବ, ଯୋଜନା ଅଟକିବ, ନିର୍ମାଣକାମରେ ଦ୍ୱନ୍ଦ୍ୱ, ମାଙ୍ଗଳିକ କାର୍ଯ୍ୟରେ ଅଶାନ୍ତି ॥

**କୁମ୍ଭ**
ପାରିବାରିକ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତି, ବାଣିଜ୍ୟରେ ପ୍ରତିବନ୍ଧକ, ଧୈର୍ଯ୍ୟଚ୍ୟୁତି ଘଟିବ, ଆର୍ଥିକସ୍ଥିତି ବଦଳିବ, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା, ଆମଦାନୀ କାରବାର ବୃଦ୍ଧି, ହୋଟେଲଶିଳ୍ପରୁ ଲାଭ, ଆତ୍ମୀୟଙ୍କ ଅପପ୍ରଚାର ॥

**ମୀନ**
ଶାରୀରିକ ସୁସ୍ଥତା, ପାରିବାରିକ ସହମତି, ନିଷ୍ପତିରେ ମତ ପାର୍ଥକ୍ୟ, ଧର୍ମାନୁଷ୍ଠାନ କରିବେ, ସାଂଗଠନିକ ନେତୃତ୍ୱ, ସାହିତ୍ୟ କୃତିରୁ ପ୍ରଶଂସା, ବିଦେଶଯାତ୍ରାର ସୁଯୋଗ, ରଚନାତ୍ମକ କାର୍ଯ୍ୟ, ଲୋକକଳାରୁ ସମ୍ମାନ, ଶିଳ୍ପାୟନରେ ବିଦ୍ରୋହ, ଦୂରଯାତ୍ରାର ଯୋଜନା ॥

# ବେଲପତ୍ରର ମାହାତ୍ମ୍ୟ



ବେଲପତ୍ର ଭଗବାନ ଶିବଙ୍କର ଅତି ପ୍ରିୟ। ଏହି ପତ୍ରର ଆଧ୍ୟାତ୍ମିକ ମହତ୍ତ୍ୱ ବି ରହିଛି। ଏହାର ତିନି ପତ୍ରକୁ ଭଗବାନ ଶିବଙ୍କର ତିନି ନେତ୍ରର ପ୍ରତୀକ ବୋଲି କୁହାଯାଇଥାଏ ; ଯେଉଁଥିରେ ପ୍ରଭୁଙ୍କର ଜ୍ଞାନ, ଶକ୍ତି ଏବଂ ଉପସ୍ଥିତିର ସଙ୍କେତ ମିଳିଥାଏ। ବିଶ୍ୱାସ ରହିଛି ଯେ, ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରି ନିଷ୍ଠାର ସହ ପୂଜିଲେ ପ୍ରଭୁ କୃପା ମିଳିବା ସହ ମନସ୍କାମନା ପୂରଣ ହୁଏ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବେଲପତ୍ର ଯେମିତି ସମୃଦ୍ଧ, ଏହାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ବି ସେମିତି ବ୍ୟାପକ। ବିଶ୍ୱାସ ରହିଛି ଯେ, ନିୟମିତ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଯଦ୍ଦ୍ୱାରା ଛୋଟମୋଟ ସଂକ୍ରମଣ ସହ ଲଢ଼ିବା ପାଇଁ ଶରୀରକୁ ଶକ୍ତି ମିଳେ। ଏଥିସହିତ ଗ୍ୟାସ, ବଦ୍‌ହଜମି, କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଏହି ପତ୍ର କେତେକାଂଶରେ ମୁକ୍ତି ଦେଇଥାଏ। ବ୍ଲଡ୍ ସୁଗାର୍ ଓ ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ସହାୟକ ହୋଇଥାଏ। ଏଥିରେ କୋଲେଷ୍ଟରଲ୍‌କୁ କମେଇବାର କିଛିଟା ଗୁଣ ମଧ୍ୟ ରହିଛି। କାଶ, ଆସ୍ଥମା, ଲିଭର୍ ସମ୍ବନ୍ଧୀୟ ସମସ୍ୟାରେ ବି ବେଲପତ୍ର ଅନେକ ସୁଧାର ଆଣିଥାଏ। ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ, ବେଲପତ୍ରକୁ ଚୋବେଇ ଖାଇପାରିବେ। ନଚେତ୍ ଏହାକୁ ବାଟି ୧ବା୨ ଚାମଚ ରସକୁ ପ୍ରତିଦିନ ଖାଲିପେଟରେ ଖାଇଲେ ବି ଅନେକ ସୁଫଳ ମିଳେ। ଏହାବ୍ୟତୀତ ବେଲପତ୍ରକୁ ଶୁଖାଇ ଗୁଣ୍ଡ କରି ପ୍ରତିଦିନ ପାଣି ସାଙ୍ଗରେ ହେଉ ଅବା ମହୁରେ ମିଶାଇ ମଧ ଖାଇପାରିବେ। ବେଲପତ୍ରକୁ ପାଣିରେ ଫୁଟାଇ ହର୍ବାଲ୍ ଚା' ଭାବେ ପିଇବା ମଧ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ।

## ପାଠକୀୟ

* କଂସା ପିତ୍ତଳ କାରିଗରିରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର ; ଯାହାକୁ ସ୍ୱତନ୍ତ୍ର କରିଛନ୍ତି କାରିଗରମାନେ। କିଏ କୌଳିକ ବୃତ୍ତିର ଦାୟରେ ଏହି କାରିଗରିକୁ ଆପଣେଇ ଥିବାବେଳେ ଆଉ କେହି କେହି ନିଜ ରୁଚିରେ। କିନ୍ତୁ ଏବେ ଉପଯୁକ୍ତ ବଜାର ଓ ସହାୟତା ଅଭାବରୁ ଯୁବପିଢ଼ି ଏହି କାରିଗରିକୁ ନେଇ ଦୋଛକିରେ। ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ଉପସ୍ଥାପିତ ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାର କଂସା, ପିତ୍ତଳ କାରିଗରି' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ମନଛୁଆଁ ହୋଇଥିଲା।

*-ରାଗିଣୀ ସାହୁ, ସମ୍ବଲପୁର*

* 'ଓଡ଼ିଶାର କଂସା, ପିତ୍ତଳ କାରିଗରି' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ମନଛୁଆଁ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମନସୁନ୍ ଫ୍ୟାଶନ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ଲେଖିକା, ଅନୁବାଦିକା ସାରଦା ରଥଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ଜାଣି ଖୁସି ଲାଗିଲା।

*- ନିଶା ଖୁଣ୍ଟିଆ, କନ୍ଧମାଳ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଶିକ୍ଷା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଥିଲା। ଏଥିରେ ସ୍ଥାନିତ 'ୱାଇଫ୍ ନୁହେଁ ସେ ୱାଇଫାଇ', 'କେବଳ ଶାହୀଦଙ୍କ ପାଇଁ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ସୁନ୍ଦର ଥିଲା। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଏବଂ ଅତିରିକ୍ତ ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଇଶିତା ଜି. ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା।

*- ରୁଚିକା ତ୍ରିପାଠୀ, ଝାରସୁଗୁଡ଼ା*

* 'ଶ୍ରୀକୃଷ୍ଣଙ୍କ ଭାସ୍କର୍ଯ୍ୟ ଦୁନିଆ' ଶୀର୍ଷକ ପାଠଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'କୃଷ୍ଣପ୍ରସାଦ ଗଡ଼' ପାଠଟିରୁ ଅନେକ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଇମୋଜି' ଶୀର୍ଷକ ପାଠଟି ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା।

*- ଋତୁରାଜ୍ ଦାଶ, ମୟୂରଭଞ୍ଜ*

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ମୁଁ ତ ନିମିତ୍ତ ମାତ୍ର' ଶୀର୍ଷକ ପାଠଟି ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ୟାଣ୍ଟ ତଳୁ ବାହାରିଛି ସାପ', 'ଡ୍ରାଗନ୍ ଆସୁଛି ସାବଧାନ!', 'ଚପଲ ପକୁଡ଼ି' ଆଦି ପାଠର ଉପସ୍ଥାପନା ଶୈଳୀ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ବି ଥିଲା।

*- ପ୍ରଶାନ୍ତ ମୁଦୁଲି, ପୁରୀ*

* ଛୁଟିଦିନର ପ୍ରତି ପୃଷ୍ଠା ପଢ଼ିବାକୁ ମୋତେ ଭଲ ଲାଗେ। ବିଶେଷକରି ପ୍ରଚ୍ଛଦ ପ୍ରସଙ୍ଗ, ସାଥୀ ଓ ସିନେମା ଲେଖା ମୋର ଭାରୀ ପ୍ରିୟ। ହାଃ ହାଃ ମଜାଦାର୍ ଲାଗେ। ଏବେ ନୂଆ ନୂଆ ସ୍ଥାନ ପାଉଥିବା ବିଭିନ୍ନ ଐତିହ୍ୟ ସ୍ଥାନଗୁଡ଼ିକ ସମ୍ପର୍କରେ ବିଭିନ୍ନ କଥାମାନ ଜାଣିବାକୁ ମିଳୁଥିବାରୁ ଖୁସି ଲାଗୁଛି।

*-ସିତୁନି ଜେନା, ଭଦ୍ରକ*

## ବିଶେଷ ଚିଠି



ଓଡ଼ିଶାର କଂସା, ପିତ୍ତଳ କାରିଗରି
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଭାରି ଭଲ ଥିଲା ତୁମ
ଲାଇଫ୍ ଷ୍ଟାଇଲ, ସିନେମା ଓ ସହର
ମନ କିଣି ନେଉଥିଲା ପୁଣି
ତୁମ ବ୍ୟାକ୍‌ପେଜ୍‌ର ଖବର।
ସତରେ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।

*- ରାଜେଶ ସ୍ୱାଇଁ, ଫୁଲବାଣୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ପିଲାଙ୍କ ସ୍ମୃତିରେ...

**ଦିନେ ଯେ ଥିଲା ନୟନପିତୁଳା । ଏବେ ସେ ପାଲଟିଛି ଆକାଶର ତାରା।  ରହିଯାଇଛି ଖାଲି ଯାହା ସ୍ମୃତି ଆଉ ସ୍ମୃତି । ଏଭଳି ଜୀବନ ଯେ କେତେ ଯନ୍ତ୍ରଣାସିକ୍ତ କେବଳ ସେଇ ଅନୁଭବୀ ମା'ବାପା ହିଁ ଜାଣନ୍ତି । ସେଇଥିପାଇଁ ତ ଯେଉଁ କାରଣରୁ ତାଙ୍କ କୋଳ ଖାଲି ହୋଇଥିଲା, ତା'ର ଯେମିତି ପୁନରାବୃତ୍ତି ନ ହେଉ ସେଥିପାଇଁ ନେଇଛନ୍ତି ସଂକଳ୍ପ...**

ଦିନେ ତା'ରି ଚାରିପଟେ ଚାଲୁଥିଲା ଜୀବନ । ହସଖୁସିରେ ପୂରି ଉଠୁଥିଲା ଘର। ହେଲେ ହଠାତ୍ ଏକ ଦୁର୍ଘଟଣା ଛଡ଼େଇନେଲା ସେଇ ନୟନର ପିତୁଳାକୁ। ସଜେଇ ଦେଲା ଦୂର ଆକାଶର ତାରା। କାନ୍ଦବୋବାଳିରେ ଘର ଫାଟିପଡ଼ିଲା। ତଥାପି ସେଇ ଦୁଃଖ ଭିତରେ ବି କେତେଜଣ ମା'ବାପା ନିଜ ମନକୁ ଦୃଢ କଲେ । ଯେଉଁ କାରଣରୁ ଘଟିଥିଲା ଦୁର୍ଘଟଣା ତା'ର ସମାଧାନ କରିବାକୁ ଅଣ୍ଟା ଭିଡ଼ିଲେ । ଆଉ କାହାରି କୋଳ ଯେମିତି ଖାଲି ନ ହେଉ ସେଥିପାଇଁ କରି ଚାଲିଲେ କାମ...

**ପୁଅକୁ ହରାଇବା ପରେ ମା' ଆରମ୍ଭ କଲେ ସଡ଼କ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ: ଅମିୟବାଳା ପରିଡ଼ା, ଅଧ୍ୟାପିକା**

ଏବେ ବି ଯେବେ ମୁଁ ବରମୁଣ୍ଡା ଓଭର ବ୍ରିଜ୍ ଉପରେ ଯାଏ ମତେ ଶୁଭେ ମୋ ପୁଅର ମାମା ମାମା ଡାକ। ଛାତି କୋହରେ ଭରିଯାଏ । ଶ୍ୱାସରୁଦ୍ଧ ହୋଇଯାଏ। ଆଖି ଆଗରେ ନାଚିଯାଏ ପୁରୁଣା କଥାସବୁ। ମୋ ପୁଅ ଗିରିଜାର ସମାଜସେବା କରିବାକୁ ବହୁତ ଇଚ୍ଛା ଥିଲା। ଦିନେ ସେ ମତେ କହିଥିଲା ମା' ଆମେ ଗୋଟେ ଟ୍ରଷ୍ଟ କରି ମାଗଣା ଶିକ୍ଷାଦାନ ସହ ଅସହାୟ ଲୋକଙ୍କ ପାଇଁ କାମ କରିବା। ତା'କଥା ରଖି ଆମେ ମା'ପୁଅ ମିଶି ତା' ବାପାଙ୍କ ନାଁରେ 'ଚଣ୍ଡୀ ପ୍ରସାଦ ଫାଉଣ୍ଡେଶନ୍ ଟ୍ରଷ୍ଟ' ବି ଗଢିଥିଲୁ। ହେଲେ ପୁଅର ସେ ସ୍ୱପ୍ନ ପୂରଣ ହେବା ପୂର୍ବରୁ ହିଁ ଘଟିଗଲା ଏକ ଅଘଟଣ। ସେଦିନ ଥିଲା ୨୦୧୯ ମସିହା ମେ' ୨୫ ତାରିଖ। ବରମୁଣ୍ଡା ଓଭରବ୍ରିଜ୍ ଉପରେ ତା'ସାଙ୍ଗ ସହ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ତଳେ ଛିଟିକି ପଡ଼ିଯାଇଥିଲେ ଓ ବିପରୀତ ଦିଗରୁ ଆସୁଥିବା ଏକ କଦଳୀ ବୋଝେଇ ଟ୍ରକ୍ ଚକା ତଳେ ଚାପି ହେଇଗଲେ। ପୁଅର ସାଙ୍ଗ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିବାବେଳେ ମୋ ପୁଅ ହସ୍ପିଟାଲରେ ଚାଲିଗଲା। ଯେତେବେଳେ ମୁଁ ଓଭରବ୍ରିଜ୍‌ର ସେଇ ରକ୍ତଭିଜା ସ୍ଥାନ ଦେଖିଲି ଖୁବ୍ କାନ୍ଦିଥିଲି। ହେଲେ ସେତେବେଳେ ହିଁ ସଂକଳ୍ପ ନେଲି ୟା' ବିରୋଧରେ ସ୍ୱର ଉତ୍ତୋଳନ କରିବି। ଦିନବେଳା ସହର ଭିତରେ ଭାରିଯାନ ଯିବା ବେଆଇନ। ତଥାପି ଟ୍ରକ୍ ଯାଉଥିବା ଯୋଗୁ ହିଁ ଯାହାକୁ ମୁଁ ମୋ' ସାହାରା ଭାବିଥିଲି ସେ ମତେ ବେସାହାରା କରି ଚାଲିଗଲା। ଏପଟେ ପୂର୍ବରୁ ସ୍ୱାମୀ ଥିଲେ ଶଯ୍ୟାଶାୟୀ। ପୁଅ ନଅବର୍ଷ ବୟସର ହୋଇଥିବାବେଳେ ୨୦୧୦ ମସିହାରେ ସେ ବ୍ରେନ୍‌ଷ୍ଟ୍ରୋକ୍‌ରେ କୋମାକୁ ଚାଲି ଯାଇଥିଲେ। ହସ୍ପିଟାଲରୁ ଘରକୁ ଆଣି ପିଲାଙ୍କ ଭଳି ଯତ୍ନ ନେବା ପରେ ଯାଇ ସେ କୋମାରୁ ଫେରି ଟିକେ ଟିକେ ଚିହ୍ନିବା ସହ ପାଟି ଖୋଲି କଥା ହେଉଥିଲେ। ପୂରା ଛୋଟ ପିଲାଭଳି ସେ ବ୍ୟବହାର କରୁଥିଲେ। ମତେ ମା' ଡାକୁଥିଲେ ଓ ପୁଅକୁ ଦେଖିଲେ ଭାରି ଖୁସି ହେଉଥିଲେ। ପୁଅକୁ ସେ ଛୋଟ ଭାଇ ବୋଲି ଡାକୁଥିଲେ। କହିବାକୁ ଗଲେ ପୁଅ ତାଙ୍କ ଜୀବନ ଥିଲା। ସେ ଏତେବଡ଼ ଦୁଃଖ ସହିପାରିବେନି ଭାବି ମୁଁ ମୋ ନିଜର କୋହ ଓ ଲୁହକୁ ଲୁଚାଇ ତାଙ୍କ ଆଗରେ ହସୁଥିଲି। ଏକୁଟିଆରେ ଭୋ ଭୋ ହୋଇ କାନ୍ଦୁଥିଲି। ତା' ବାପା ଯେତେବେଳେ ପଚାରୁଥିଲେ ଛୋଟ ଭାଇ କୁଆଡ଼େ ଗଲା ମୁଁ କହୁଥିଲି ସେ ବାଙ୍ଗାଲୋର ଯାଇଛି ପଢିବା ପାଇଁ। ହେଲେ ରକ୍ତର ସମ୍ପର୍କ ତାଙ୍କର। ବୋଧହୁଏ ସେ କିଛି ଜାଣିପାରୁଥିଲେ କି କ'ଣ ପୁଅକୁ ଭାରି ଝୁରି ହେଉଥିଲେ। ଶେଷରେ ୨୦୨୦ ମେ' ୩ ତାରିଖରେ ସେ ବି ଚାଲିଗଲେ। କରୋନା ସମୟ ଥାଏ। ପୁରୀ ସ୍ୱର୍ଗଦ୍ୱାରରେ ପୁଅର ଫଟୋକୁ ଗୋଟେ ହାତରେ ଧରି ଆର ହାତରେ ସ୍ୱାମୀଙ୍କୁ ମୁଖାଗ୍ନି ଦେଲି। ସାରା ଦୁନିଆ ମୋ ପାଇଁ ଖାଁ ଖାଁ ହେଇଗଲା। ଏକୁଟିଆ ଜୀବନ ଯେ କେତେ କଷ୍ଟଦାୟକ ତାହା କେବଳ ଅନୁଭବୀ ହିଁ ଜାଣେ। ଘରର ଚାରିକାନ୍ଥ ଖାଇ ଗୋଡାଏ। ମୋ କଷ୍ଟ ଯେମିତି ଆଉ କେହି ନ ଭୋଗନ୍ତୁ ସେଥିପାଇଁ ମୁଁ ନେଇଥିବା ସେ ସଂକଳ୍ପ ପୂରଣ କରିବାକୁ ଯୋଜନା କଲି। 'ମାଷ୍ଟର ଗିରିଜା ମେମୋରିଆଲ ରୋଡ୍‌ସେଫ୍ଟି ଫାଉଣ୍ଡେଶନ ଟ୍ରଷ୍ଟ' ଆରମ୍ଭ କଲି। ସ୍କୁଲ, କଲେଜ ଓ ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷାଜନିତ ସଚେତନତା କାର୍ଯ୍ୟକ୍ରମ କଲି, ଦୁର୍ଘଟଣାରେ ଆହତଙ୍କୁ ସାଧ୍ୟ ମତେ ସାହାଯ୍ୟ କଲି। ଦୁର୍ଘଟଣାରେ ନୂଆ ଜୀବନ ପାଇଥିବା ବ୍ୟକ୍ତିଙ୍କୁ 'ଗିରିଜା ସମର୍ଥ ସମ୍ମାନ' ଦେବା ସହ ୧୦,୦୦୦ଟଙ୍କା ଲେଖାଏ ସାହାଯ୍ୟ କରୁଛି। ଅନେକଙ୍କୁ ହ୍ୱିଲଚେୟାର ବି ଦେଇଛି। ପୁଅ ମୋର ଅଲରାଉଣ୍ଡର ଥିଲା। ତେଣୁ ତା' ନାଁରେ ୧୧ଜଣ ଗରିବ ପିଲାଙ୍କ ପଢାଖର୍ଚ୍ଚ ବହନ କରୁଛି। ବସ୍ତିରେ 'ଗିରିଜା ପାଠଶାଳା' କରିଛି, ଯେଉଁଠି କି ମାଗଣା ଶିକ୍ଷାଦାନ କରାଯାଉଛି। ମୁଁ ଏଥିପାଇଁ ବେଶି ସମୟ ଦେଇ ପାରୁ ନ ଥିବାରୁ ଗିରିଜାର କିଛି ସାଙ୍ଗ, ସେଠାକାର କିଛି ପିଲା, ଚିହ୍ନା ପରିଚୟ କିଛି ପିଲା ବି ଯାଇ ସେଠି ପଢାଉଛନ୍ତି। ଏହାସହିତ 'ଗିରିଜା ଜ୍ଞାନ ଭଣ୍ଡାର' ନାମକ ଓପନ ଲାଇବ୍ରେରୀ ବିଭିନ୍ନ ସ୍ଥାନରେ କରିଛି। ଏହି ଲାଇବ୍ରେରୀ ଝାରପଡ଼ା ଜେଲ, ଚୌଦ୍ୱାର ସର୍କଲ ଜେଲ୍ ଓ ନିମାପଡ଼ା ଜେଲରେ ବି କରିଛି। କଏଦୀମାନେ ସେଥିରୁ ନେଇ ବହି ପଢୁଛନ୍ତି। 'ଗିରିଜା ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରି ବୃକ୍ଷରୋପଣ କାମ ବି ଚାଲିଛି। ଭଲ ପଢୁଥିବା ପିଲାଙ୍କୁ 'ଗିରିଜା ଜ୍ଞାନ ସମ୍ମାନ' ଦେଉଛି। ଏସବୁଥିରେ ଯାହା ବି ଖର୍ଚ୍ଚ ହୁଏ ମୁଁ ନିଜେ ବହନ କରେ। କେବେ କେବେ କେହି ଆର୍ଥିକ ସାହାଯ୍ୟ ମଧ୍ୟ କରିଥାନ୍ତି। ଯେମିତି କି ଗିରିଜାର ସାଙ୍ଗମାନେ ଚାକିରି କରି ପାଇଥିବା ପ୍ରଥମ ରୋଜଗାରରୁ କିଛି ଗିରିଜା ନାଁରେ ସମାଜସେବା କାର୍ଯ୍ୟରେ ଲଗାଇବା ପାଇଁ ଦେଇଥିଲେ। ପୁଅର ଜନ୍ମ ଓ ମୃତ୍ୟୁ ଉଭୟ ୨୫ ତାରିଖରେ ହୋଇଥିବାରୁ ପ୍ରତି ମାସ ୨୫ ତାରିଖରେ ମୋ ସ୍ୱାମୀଙ୍କ ନାଁରେ କରିଥିବା ଟ୍ରଷ୍ଟ ମାଧ୍ୟମରେ 'ଅନ୍ନଦାନ କାର୍ଯ୍ୟ' ବି କରୁଛି। ଆଜକୁ ୭୪ ମାସ ଧରି ଏହି ଅନ୍ନଦାନ କାର୍ଯ୍ୟ କରି ଆସୁଛି। ମୋର ଏସବୁ କାର୍ଯ୍ୟ ଦେଖି ଷ୍ଟେଟ ଟ୍ରାନ୍ସପୋର୍ଟ ଅଥରିଟି ମୋ କାହାଣୀକୁ ଆଦର୍ଶ ଭାବେ ସମସ୍ତଙ୍କୁ ଜଣାଉଛନ୍ତି। ତା'ସହ 'ଟାଇମ୍ସ ପାୱାର ଓମେନ' ସମ୍ମାନରେ ବି ସମ୍ମାନିତ ହୋଇଛି। ତେବେ ଆଜି ଯେଉଁ ପରିଚୟ ଓ ସମ୍ମାନ ମୁଁ ପାଇଛି ସେସବୁ ମୋ ପୁଅ ପାଇଁ। ମୁଁ ମୋ ପୁଅକୁ ହରାଇଛି ସତ, ହେଲେ ଅନେକ ପିଲାଙ୍କ ମା' ହୋଇପାରିଛି। ସେ ଯାହା ବି ହେଉ ମା' ମନ କିନ୍ତୁ ପ୍ରତିମୁହୂର୍ତ୍ତରେ ତାକୁ ଝୁରେ। ଘରର ଚାରିକାନ୍ଥ ହିଁ ଜାଣେ କେତେ ଲୁହ ଗଡିଛି ଏ ଆଖିରୁ, କେତେ ଯନ୍ତ୍ରଣାସିକ୍ତ ଏ ଜୀବନ।

**ଝିଅର ଅକାଳ ବିୟୋଗ ପରେ ବାପା ଆରମ୍ଭ କଲେ ବୃକ୍ଷରୋପଣ ପ୍ରଥା:**

ପ୍ରତିଦିନ ସନ୍ଧ୍ୟାରେ ରାଜସ୍ଥାନ, ରାଜସମନ୍ଦ ଜିଲାର ପିପଲାନ୍ତ୍ରୀ ଗାଁର ଶ୍ୟାମସୁନ୍ଦର ପାଲିୱାଲ ଏକ ଜଙ୍ଗଲ ଭିତରେ ଡାଳଗୁଡିକୁ ହାତରେ ଆଡେଇ ଆଡେଇ ଯାଆନ୍ତି। ଆଉ ପହଞ୍ଚନ୍ତି ଗୋଟିଏ ଗଛ ପାଖରେ। ଯାହାକି ଏକ କଦମ୍ବ ଗଛ। ଆଉ ସେହି ଗଛର ଗଣ୍ଡିକୁ ସେ ନିଜର ଦୁଇ ବାହୁରେ ଖୁବ୍ ଜୋର୍‌ରେ କୁଣ୍ଢେଇ ଧରି ଆଖି ବୁଜି ମୁଣ୍ଡକୁ ଗଛ ଉପରେ ଆଉଜେଇ ଦେଇ କିଛି ସମୟ ଠିଆ ହୁଅନ୍ତି। କୁହନ୍ତି– ଇଏ ମୋ ଝିଅ। ଆଉ ଆଖିରୁ ଝରିଯାଏ ଧାର ଧାର ଲୁହ। ତେବେ ସେ କାହିଁକି ସେହି କଦମ୍ବ ଗଛକୁ ନିଜ ଝିଅ ବୋଲି କୁହନ୍ତି, ତା'ପଛରେ ଅଛି ଏକ ଦୁଃଖଭରା କାହାଣୀ। କିରଣ ନାଁରେ ତାଙ୍କର ଏକ ଝିଅ ଥିଲା। ୨୦୦୬ ମସିହାରେ ତାକୁ ଯେବେ ୧୮ ବର୍ଷ ବୟସ ହୋଇଥିଲା ଡିହାଇଡ୍ରେଶନ୍‌ରେ ମୃତ୍ୟୁବରଣ କଲେ। କାରଣ ସେଠାକାର ଜଳସ୍ତର ବହୁତ ତଳେ। ପିଇବା ପାଣିର ଅଭାବ ଲାଗିରହେ। ସେହି ପିଇବା ପାଣିର ଅଭାବ ହିଁ ତାଙ୍କ ଝିଅର ଜୀବନ ନେଇ ଯାଇଥିଲା। ଆଉ ସେ ଦୁଃଖରେ ଭାଙ୍ଗିପଡିଥିଲେ। ହେଲେ ପରେ ଝିଅର ସ୍ମୃତିକୁ ସବୁଦିନ ପାଇଁ ତାଜା ରଖିବା ଲାଗି ସେ ସେହି କଦମ୍ବ ଗଛଟିକୁ ଲଗାଇଥିଲେ। ପରବର୍ତ୍ତୀ ସମୟରେ ଗାଁରେ ଯେମିତି ଏଭଳି ଘଟଣା ଆଉ କେବେ ନ ଘଟୁ ସେଥିପାଇଁ ସେ ଏକ ଅଭିଯାନ ଆରମ୍ଭ କଲେ।




ଶ୍ୟାମସୁନ୍ଦର ପାଲିୱାଲ



ଅମିୟବାଳା ପରିଡ଼ା

ପିପଲାନ୍ତ୍ରୀ ଗାଁର ମୁଖ୍ୟ ତଥା ସରପଞ୍ଚଭାବେ ନିୟମ ଲାଗୁ କଲେ ଯେ ଗାଁରେ କନ୍ୟାସନ୍ତାନର ଜନ୍ମ ହେବା ସହିତ କନ୍ୟାର ମା'ବାପା ଓ ବନ୍ଧୁବାନ୍ଧବ ମିଶି ୧୧୧ଟି ବୃକ୍ଷରୋପଣ କରିବେ। କାରଣ ସେ ଭଲଭାବେ ଜାଣନ୍ତି ତାଙ୍କ ଗାଁରେ କନ୍ୟା ସନ୍ତାନ ଜନ୍ମ ହେଲେ ପରିବାର ଲୋକେ ଖୁସି ହେବା ପରିବର୍ତ୍ତେ ଦୁଃଖ କରନ୍ତି। ଆଉ ଜବରଦସ୍ତି କନ୍ୟା ସନ୍ତାନର ପାଟିରେ ଏକ ଶକ୍ତ ଶସ୍ୟ ପୂରାଇ ଦିଅନ୍ତି। ଯାହାକି ଇନ୍‌ଫେକ୍ସନର କାରଣ ସାଜେ। ଆଉ କନ୍ୟା ସନ୍ତାନର ମୃତ୍ୟୁ ହୋଇଯାଏ। ତା'ଛଡ଼ା ଗର୍ଭରେ ଥିବା କନ୍ୟା ସନ୍ତାନକୁ ବି ମାରି ଦିଆଯାଏ। ତାଙ୍କୁ ଭାରି ଆଶ୍ଚର୍ଯ୍ୟ ଲାଗେ ମା'ବାପା ହୋଇ କେମିତି ନିଜ କନ୍ୟା ସନ୍ତାନକୁ ମାରି ପାରନ୍ତି! ଗାଁରୁ ଯେମିତି ଏହି କୁପ୍ରଥା ଦୂର ହେବ ସେଥିପାଇଁ ସେ ଏହି ବୃକ୍ଷରୋପଣ ପ୍ରଥା ଆରମ୍ଭ କଲେ। ଗଛର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ବି ନିର୍ଦ୍ଦେଶ ଦେଲେ। ସେହି ଗଛରେ ପୁଣି ସେହି କନ୍ୟା ସନ୍ତାନର ନାଁ ଲେଖାଗଲା। ଝିଅ ବଡ଼ ହେବାପରେ ସେହି ଗଛକୁ ରାଖୀ ବାନ୍ଧିବାର ନିୟମ ବି କରାଗଲା। କେବଳ ସେତିକି ନୁହେଁ, ଝିଅ ଜନ୍ମ ହେବା ପରେ ପରେ ଗାଁ ଲୋକଙ୍କଠାରୁ ୩୧୦୦୦ ଟଙ୍କା ଆଦାୟ କରି ଓ କନ୍ୟା ସନ୍ତାନର ମା'ବାପାଠାରୁ ୧୦,୦୦୦ ଟଙ୍କା ଅଣାଯାଇ ଝିଅର ଭବିଷ୍ୟତ ପାଇଁ ବ୍ୟାଙ୍କରେ ଜମା କରାଗଲା। ଯଦ୍ୱାରାକି ମା'ବାପାଙ୍କର ଝିଅର ଯୌତୁକ ଚିନ୍ତା କିଛିଟା କମିଯିବ। ଏଭଳି ବୃକ୍ଷରୋପଣ ପଛରେ ଶ୍ୟାମସୁନ୍ଦରଙ୍କର ଆଉ ଏକ ଉଦ୍ଦେଶ୍ୟ ଥିଲା–ଗାଁକୁ ସବୁଜିମାରେ ଭରିବା ଓ ଭୂତଳ ଜଳସ୍ତରକୁ ବୃଦ୍ଧି କରିବା। ତାଙ୍କର ଏଭଳି ସବୁ କାର୍ଯ୍ୟ ପାଇଁ ଆଜି ଏହି ଗାଁରେ କନ୍ୟା ସନ୍ତାନ ମୃତ୍ୟୁ ହାର କମିଛି। ଆଉ ଏକ ସୁନ୍ଦର ଜଙ୍ଗଲ ବି ସୃଷ୍ଟି ହୋଇପାରିଛି। ତା'ସହ ଭୂତଳ ଜଳସ୍ତର ବୃଦ୍ଧି ହୋଇଛି। ଅନେକ ଝରଣା ସୃଷ୍ଟି ହୋଇଛି। ଏହି ଜଙ୍ଗଲରେ ଅନେକ ଆଲୋଭେରା ଓ ଅଁଳା ଗଛ ଲଗାଯାଇଛି। ଫଳରେ ଏଠାରେ ଆଲୋଭେରା ପ୍ରୋସେସିଂ ୟୁନିଟ୍ ବି ପ୍ରତିଷ୍ଠା କରାଯାଇଛି। ଗାଁ ମହିଳାମାନେ ଆଲୋଭେରା ଜୁସ୍, କ୍ରିମ୍ ଓ ଅନ୍ୟାନ୍ୟ ପ୍ରଡକ୍ଟ ତିଆରି କରୁଛନ୍ତି। ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏସବୁ କାର୍ଯ୍ୟ ପାଇଁ ୨୦୨୧ ମସିହାରେ ଶ୍ୟାମସୁନ୍ଦର ପାଲିୱାଲଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଉ ସେ 'ଫାଦର ଅଫ୍ ଇକୋ–ଫେମିନିଜ୍‌ମ' ନାମରେ ବି ପରିଚିତ।

**ଦୁର୍ଘଟଣାରେ ପୁଅକୁ ହରାଇବା ପରେ ରାସ୍ତାର ଖାଲଖମାକୁ ଭରୁଛନ୍ତି ବାପା:** ଦଶବର୍ଷ ପୂର୍ବେ ୨୦୧୫ ମସିହାରେ ଦାଦାରାଓ ବିଲହୋର ନାମକ ଜଣେ ବ୍ୟକ୍ତିଙ୍କର ୧୬ ବର୍ଷ ବୟସର ପୁଅ ପ୍ରକାଶ ଏକ ପଲିଟେକ୍ନିକ କଲେଜରେ ଆଡ୍‌ମିଶନ ହେବା ପରେ ବାଇକ୍‌ରେ ଫେରୁଥାନ୍ତି। ଖୁବ୍ ଜୋର୍‌ରେ ବର୍ଷା ହେଉଥାଏ। ରାସ୍ତାର ଖାଲଖମା ଜଣାପଡୁ ନ ଥାଏ। ମୁମ୍ବାଇର ଯୋଗେଶ୍ୱରୀ–ବିଖରୋଲି ଲିଙ୍କ୍‌ରୋଡରେ ଆସିବାବେଳେ ତାଙ୍କ ବାଇକ୍ ଏକ ଖାଲରେ ପଡ଼ିଗଲା। ସନ୍ତୁଳନ ବିଗିଡି ଦୁର୍ଘଟଣାଗ୍ରସ୍ତ ହେଲା। ପ୍ରକାଶ ବହୁତ ଦୂର ଛିଟିକି ପଡ଼ିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଲା। ଆଉ ବ୍ରେନ୍ ହାମରେଜ୍ ହେବା ଯୋଗୁ ତାଙ୍କର ମୃତ୍ୟୁ ହୋଇଗଲା। ପୁଅକୁ ହରାଇବା ଦୁଃଖରେ ପୂରା ବିଲହୋର ପରିବାର ଭାଙ୍ଗିପଡିଲା। ଦାଦାରାଓ ବି ଭାଙ୍ଗି ପଡ଼ିଥିଲେ। ହେଲେ ସେ ନିଜକୁ ଦୃଢ କରି ସଂକଳ୍ପ ନେଲେ ଯେ ରାସ୍ତାର ସବୁ ଖାଲଖମାକୁ ଭରିବେ। ଯେମିତିକି ଆଗକୁ ଆଉ କାହାରି ପୁଅ ସହ ଏଭଳି ଘଟିବ ନାହିଁ, କି କୋଉ ମା'ବାପାଙ୍କ କୋଳ ଖାଲି ହେବନି। ୨୦୧୫ ଅଗଷ୍ଟ ମାସରୁ ସେ ରାସ୍ତାର ଖାଲଖମାକୁ ବାଲି ସିମେଣ୍ଟ ଦେଇ ଭରିବା କାମ ଆରମ୍ଭ କଲେ। ପ୍ରଥମେ ସେ ଏକା ଏକା ସବୁ ସରଞ୍ଜାମ ବୋହି ବୋହି ରାସ୍ତା ମରାମତି କାମ କରୁଥିଲେ। ପରେ କିଛି ବନ୍ଧୁ ଓ ସ୍ୱେଚ୍ଛାସେବୀ ତାଙ୍କୁ ସହଯୋଗ କଲେ। ଖାସ୍‌କରି ପ୍ରତି ରବିବାର ଦିନ ସେ ଏହି କାମ କରନ୍ତି। ସେ କୌଣସି ସରକାରୀ କର୍ମଚାରୀଙ୍କୁ ଏହି କାମ ପାଇଁ ଅପେକ୍ଷା ନ କରି ନିଜେ ଯେତେଶୀଘ୍ର ସମ୍ଭବ ସବୁ ଖାଲଖମାକୁ ଭରିବାକୁ ଚେଷ୍ଟା କରନ୍ତି। ତେଣୁ ସେ 'ପଟ୍‌ହୋଲ୍ ଦାଦା' ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ। ପରେ ୨୦୧୮ରେ ପଟ୍‌ହୋଲ ୱାରିୟର ନାମକ ଏକ ଗ୍ରୁପ୍ ତାଙ୍କ ସହ ଯୋଗ ଦେଲେ। ଏହାସହ ମୁମ୍ବାଇର ଏକ ଗ୍ରୁପ୍ ତାଙ୍କ ସହ ମିଶି 'ଏସ୍‌ପଟ୍‌ହୋଲ' ନାମକ ଏକ ୱେବସାଇଟ୍ ବି କଲେ। ଯାହା ମାଧ୍ୟମରେ ଲୋକମାନେ ନିଜ ଅଞ୍ଚଳର ଖାଲଖମା ଭରିବା ପାଇଁ ରେଜିଷ୍ଟ୍ରେଶନ୍ କରିପାରିବେ। ଏପର୍ଯ୍ୟନ୍ତ ଦାଦାରାଓ ହଜାର ହଜାର ଖାଲଖମା ଭରି ସାରିଲେଣି।

**ପୁଅର ମୃତ୍ୟୁ ପରେ ବାପା ପାଲଟିଲେ ଟ୍ରାଫିକ୍ ନିୟନ୍ତ୍ରକ:** ଦିଲ୍ଲୀର ବ୍ୟସ୍ତବହୁଳ ସିଲମପୁର ଛକରେ ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବାର ଦେଖିବାକୁ ମିଳେ। ଚିରାଫଟା, ପୁରୁଣା ପୋଷାକ ପିନ୍ଧା ଏହି ମଣିଷଟି ଦିନେ ନୁହେଁ ଦୁଇ ଦିନ କି ମାସେ ନୁହେଁ ବରଂ ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଛକଠାରେ ଠିଆ ହୋଇ ନିରନ୍ତରଭାବେ ଟ୍ରାଫିକ ନିୟନ୍ତ୍ରଣ କରି ଆସୁଛନ୍ତି। କେହି କେହି ତ ତାଙ୍କୁ ପାଗଳ ବୋଲି ବି ଭାବନ୍ତି। ଆର୍ଥିକ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ହେଲେ ସେ ତାକୁ ଗ୍ରହଣ କରି ନାହାନ୍ତି। କେବଳ ଏହି ଜନଗହଳିପୂର୍ଣ୍ଣ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ କାମ କରିଆସୁଛନ୍ତି। ସେ ପୁଣି ବେଶ୍ କୁଶଳତାର ସହ। ତାଙ୍କ ନାଁ ହେଉଛି ଗଙ୍ଗାରାମ। ଏଭଳି କାର୍ଯ୍ୟ ପଛରେ ତାଙ୍କର ଏକ ଦୁଃଖଭରା କାହାଣୀ ଲୁଚି ରହିଛି। ଗଙ୍ଗାରାମଙ୍କର ଏକ ଟିଭି ରିପେୟାରିଂ ଦୋକାନ ଥିଲା। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ଚଳୁଥିଲା। ତାଙ୍କର ଏକମାତ୍ର ପୁଅ ବି ଏହି ଦୋକାନରେ ବାପାଙ୍କୁ ସାହାଯ୍ୟ କରୁଥିଲେ। ପୁଅର ବିବାହ ବି ହେଲା। ହସଖୁସିରେ ପରିବାର ଚାଲିଥାଏ। ୨୦୧୫ ମସିହାର କଥା। ଦିନେ ତାଙ୍କ ପୁଅ ସିଲମପୁରର ଗହଳିପୂର୍ଣ୍ଣ ଛକ ଅତିକ୍ରମ କରିବାବେଳେ ଦୁର୍ଘଟଣାଗ୍ରସ୍ତ ହେଲେ। ଆଉ ସବୁଦିନ ପାଇଁ ଆଖି ବୁଜିଦେଲେ। ଏତେ ବଡ଼ ଦୁଃଖକୁ ସହି ନ ପାରି ଗଙ୍ଗାରାମଙ୍କ ସ୍ତ୍ରୀ ବି କିଛିଦିନ ପରେ ଚାଲିଗଲେ। ଘରେ କେବଳ ରହିଲେ ଗଙ୍ଗାରାମ ଓ ତାଙ୍କ ବୋହୂ। ଏହାପରେ ଗଙ୍ଗାରାମଙ୍କ ଜୀବନର ଲକ୍ଷ୍ୟ ବଦଳିଗଲା। ମନେ ମନେ ସ୍ଥିର କଲେ ପୁଅ ଚାଲି ଯିବାରୁ ମୋ ପରିବାର ତ ଛାରଖାର ହେଇଗଲା, ହେଲେ ଆଉ କାହାରି ସ୍ଥିତି ଯେମିତି ଏଭଳି ନ ହେଉ ସେଥିପାଇଁ ସେ ସେଇ ସିଲମପୁର ଛକରେ ହିଁ ଟ୍ରାଫିକ ନିୟନ୍ତ୍ରଣ କରିବା ଆରମ୍ଭ କଲେ। ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସେ ଚିରା ପୋଷାକ ସହ ହାତରେ ଖଣ୍ଡେ ବାଡ଼ି ଧରି ଏହି କାମ କଲେ। ପୁଣି ବିନା ପାରିଶ୍ରମିକରେ। ଆଉ ଘର ଚଳାଇଲେ ବୋହୂ। ତାଙ୍କର ଏହି ନିଃସ୍ୱାର୍ଥପର ସେବା ଧୀରେ ଧୀରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। ସ୍ଥାନୀୟ ପୋଲିସ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଗଲା। ଦିଲ୍ଲୀ ପୋଲିସ କିଛି ବର୍ଷ ପରେ ତାଙ୍କୁ ଟ୍ରାଫିକ୍ ପ୍ରହରୀଭାବେ ନିଯୁକ୍ତି ଦେଲେ। ତା'ସହ ଟ୍ରାଫିକ୍ ପୋଲିସ ୟୁନିଫର୍ମ, ରିଫ୍ଲେକ୍ଟିଭ ଜ୍ୟାକେଟ, କ୍ୟାପ୍ ସହ କିଛି ପାରିଶ୍ରମିକ ବି ଦିଆଗଲା। ଏହାପରେ ସେ ୟୁନିଫର୍ମ ପିନ୍ଧି ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି। ପରିଣତ ବୟସରେ ମହାମାରୀ କରୋନା ସମୟରେ ବି ସେ ତାଙ୍କ କାମ ବନ୍ଦ କରି ନ ଥିଲେ।

ନିଜ ସନ୍ତାନକୁ ହରାଇ ପ୍ରତି ମୁହୂର୍ତ୍ତରେ ମରି ମରି ଜିଉଥିଲେ ବି ଏହି ମା'ବାପା ମାନେ ଅନ୍ୟର କୋଳ ଯେମିତି ଖାଲି ନ ହେଉ ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଆଉ କରିଚାଲିଛନ୍ତି ସମାଜସେବାମୂଳକ କାର୍ଯ୍ୟ। ସତରେ କେତେ ବିଶାଳ ତାଙ୍କ ହୃଦୟ ଓ କେତେ ମହାନ୍ ତାଙ୍କ ଚିନ୍ତାଧାରା।

**– ଶିବାନୀ ମହାନ୍ତି**


ଦାଦାରାଓ ବିଲହୋର



ଗଙ୍ଗାରାମ



# ବିନ୍ଦି

**ନାରୀ ଶୃଙ୍ଗାରର ଏକ ପ୍ରମୁଖ ଅଂଶ ହେଉଛି ବିନ୍ଦି। ବିନ୍ଦି ଚେହେରାକୁ ଅଧିକ ଆକର୍ଷଣୀୟ କରିଥାଏ। ବିବାହିତା ହୁଅନ୍ତୁ ଅବା ଅବିବାହିତା ନାରୀ ସମସ୍ତେ କପାଳରେ ବିନ୍ଦି ପିନ୍ଧିଥାନ୍ତି। କୁହାଯାଏ, ବିବାହିତା ନାରୀଙ୍କ କପାଳର ନାଲି ବିନ୍ଦି ତାଙ୍କୁ ଖରାପ ନଜରରୁ ରକ୍ଷା କରିଥାଏ। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରର ବିନ୍ଦି ପିନ୍ଧିବାର ପରମ୍ପରା ରହିଛି। ଖାଲି ପରମ୍ପରା କଥା ନୁହେଁ, ନିଜ ଚେହେରାକୁ ଆକର୍ଷଣୀୟ କରିବା ସହିତ ନିଜ ପରିପାଟୀ ଅନୁସାରେ ଆଜିର ନାରୀମାନେ ଭିନ୍ନ ଭିନ୍ନ ପ୍ରକାରର ବିନ୍ଦିକୁ ଆପଣାଇ ଷ୍ଟାଇଲିଶ୍ ଲୁକ୍ ବି ପାଉଛନ୍ତି..**







✲ **ନାଲି ବିନ୍ଦି:** ସଧବା ନାରୀର ମଥାରେ ନାଲି ବିନ୍ଦି ବେଶ୍ ଆକର୍ଷକ ଲାଗେ। ପୂଜା,ପାର୍ବଣ ସମୟରେ ପାରମ୍ପରିକ ପରିଧାନ ସାଙ୍ଗକୁ ମଥାରେ ନାଲି ବିନ୍ଦିଟିଏ ଥିଲେ ନାରୀର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ। ଖାସ୍ କରି ଧଳା, ହଳଦିଆ, କ୍ରିମ୍ ଓ ସବୁଜ ରଙ୍ଗର ପୋଷାକ ସହିତ ଏହି ରଙ୍ଗର ବିନ୍ଦି ଖୁବ୍ ସୁନ୍ଦର ମାନେ। ଅନ୍ୟ ନାରୀଙ୍କ ତୁଳନାରେ ବଙ୍ଗାଳୀ ନାରୀମାନେ ଟିକେ ବଡ଼ ସାଇଜ୍‌ର ନାଲି ବିନ୍ଦି ପିନ୍ଧିବାକୁ ପସନ୍ଦ କରିଥାନ୍ତି ; ଯାହା ସେମାନଙ୍କ ଲୁକ୍‌କୁ ଅଧିକ ଆକର୍ଷଣୀୟ କରିଥାଏ। କହିବାକୁ ଗଲେ, ବଙ୍ଗାଳୀ ନାରୀଙ୍କୁ ବିନ୍ଦି ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ।

✲ **କଳା ବିନ୍ଦି:** ଏହା ଏକପ୍ରକାର ଭର୍ସାଟାଇଲ୍ ବିନ୍ଦି ; ଯାହା ଲୁକ୍‌କୁ ସୋଫିଷ୍ଟିକେଟେଡ୍ ଟଚ୍ ଦେଇଥାଏ। ଏହାକୁ ଯେ କୌଣସି କଲର୍‌ର ଆଉଟ୍‌ଫିଟ୍ ସାଙ୍ଗେ ବି ପେୟାର୍ କରାଯାଇପାରେ, ସେ ଟ୍ରାଡିଶନାଲ ଶାଢି ହେଉ କି କାଜୁଆଲ୍ ଡ୍ରେସ୍। ଛୋଟ ସାଇଜ୍‌ର କଳା ବିନ୍ଦି ବି ଚେହେରାକୁ ଖୁବ୍ ସୁନ୍ଦର ମାନେ। ସବୁ ବୟସର ମହିଳା ଏହି ବିନ୍ଦିକୁ ଆରାମରେ ପିନ୍ଧିପାରିବେ।

✲ **ଭର୍ଟିକାଲ୍ ବିନ୍ଦି:** ଅଶୀ/ନବେ ଦଶକର ମହିଳାମାନଙ୍କର ଏହି ବିନ୍ଦି ଖୁବ୍ ପ୍ରିୟ ଥିଲା। ଓଭାଲ୍ ଶେପ୍ ଚେହେରାକୁ ଏହି ବିନ୍ଦି ଭଲ ମାନେ। ଯେଉଁ ମହିଳାଙ୍କର ମଥା ଟିକେ ଚଉଡ଼ା, ସେମାନେ ବି ଏହି ବିନ୍ଦିକୁ ଟ୍ରାଏ କରିପାରିବେ। ବିଭିନ୍ନ ପାରମ୍ପରିକ ପୋଷକ ସାଙ୍ଗରେ ଏହି ବିନ୍ଦି ଖୁବ୍ ସୁନ୍ଦର ଦେଖାଯାଇଥାଏ।


✲ **ମରାଠୀ ବିନ୍ଦି:** ବାସ୍ତବରେ ଏହା ଏକ ପାରମ୍ପରିକ ବିନ୍ଦି ; ଯାହାକୁ ମୁଖ୍ୟତଃ ମହାରାଷ୍ଟ୍ରିଆନ୍ ମହିଳାମାନେ ପିନ୍ଧିଥାନ୍ତି। ସେମି ସର୍କଲ ଶେପ୍‌ରେ ଆସୁଥିବା ଏହି ବିନ୍ଦି ଦେଖିବାକୁ ଅଧା ଚାନ୍ଦ ଭଳି ହୋଇଥାଏ ; ଯାହା ମୁଖ୍ୟତଃ ନୌୱାରୀ ଓ ପୈଠାନୀ ଶାଢି ସାଙ୍ଗକୁ ଭଲ ମାନିବା ସହ ରୟାଲ୍ ଲୁକ୍ ଦେଇଥାଏ। ଏହି ବିନ୍ଦି ଖୋସା ସାଙ୍ଗକୁ ସୁନ୍ଦର ମାନିଥାଏ।

✲ **ଲଙ୍ଗ୍ ବିନ୍ଦି:** ଷ୍ଟାଇଲିଶ୍ ଓ ଆକର୍ଷକ ଲାଗୁଥିବା ଏହି ବିନ୍ଦିର ଆକାର ଟିକେ ଲମ୍ବା ରହୁଥିବା ଯୋଗୁ ଏଥିରେ ଷ୍ଟୋନ୍, ପର୍ଲ, କଲର୍‌ଫୁଲ୍ ବିଡ୍ସ ଏପରିକି ହାଲ୍‌କା ଏମ୍ବ୍ରୋଡୋରି କାମ ବି କରାଯାଇଥାଏ ; ଯାହା ଏହାକୁ ଆହୁରି ଆକର୍ଷଣୀୟ କରିଦିଏ। ପାର୍ଟି, ଫଙ୍କଶନ୍ ଓ ପର୍ବପର୍ବାଣି ସମୟରେ ଶାଢି, ଅନାରକଲି, ଗାଉନ୍ ହେଉ କି କୌଣସି ଇଭିନିଂ ୱେର୍ ସାଙ୍ଗରେ ଏହି ବିନ୍ଦି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷକ ଲାଗିଥାଏ।

✲ **କଲରଫୁଲ୍ ବିନ୍ଦି:** ନାଲି ଓ କଳା ବିନ୍ଦି ବ୍ୟତୀତ ଏବେ ଅନେକ ବ୍ରାଇଟ୍ ଓ ବୋଲ୍ଡ ରଙ୍ଗର ବିନ୍ଦି ବି ମିଳିଲାଣି ; ଯାହା ଯୁବତୀଙ୍କୁ ଡାଇନାମିକ୍ ଓ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ। ଆଉ ଏହା ଉଭୟ ପାରମ୍ପରିକ ଓ ମଡର୍ଣ୍ଣ ଆଉଟ୍‌ଫିଟ୍ ସାଙ୍ଗେ ପରଫେକ୍ଟ ମ୍ୟାଚ୍ କରିଥାଏ। କଲର୍ ବ୍ଲକ୍ ଆଉଟ୍‌ଫିଟ୍ ସାଙ୍ଗେ ବି ଏହି ଟାଇପ୍‌ର ବିନ୍ଦି ଖୁବ୍ ସୁନ୍ଦର ମାନିଥାଏ।

✲ **ଓଭର ସାଇଜ ବିନ୍ଦି:** ଏହି ବିନ୍ଦିର ସାଇଜ୍ ଟିକେ ବଡ଼ ରହୁଥିବା ଯୋଗୁ ଏହା ଚେହେରାକୁ ସୁନ୍ଦର ଦେଖାଯିବା ସହ ସହଜରେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିପାରେ। ଶାଢିରେ ଓଭର୍ ସାଇଜ୍ ବିନ୍ଦି ଖୁବ୍ ସୁନ୍ଦର ମାନେ।

✲ **ଷ୍ଟୋନ୍ ଷ୍ଟଡେଡ୍ ବିନ୍ଦି:** ଏହି ବିନ୍ଦି ବିଭିନ୍ନ ରଙ୍ଗରେ ଉପଲବ୍ଧ ହୋଇଥାଏ। ଷ୍ଟୋନ୍‌ର ଚମକ ଆଉ ଡିଟେଲିଙ୍ଗ୍ ଏହି ଟାଇପ୍‌ର ବିନ୍ଦିକୁ ଆହୁରି ଆକର୍ଷଣୀୟ କରିଥାଏ ; ଯାହାକୁ ପାର୍ଟି, ଫଙ୍କଶନ୍‌ରେ ପିନ୍ଧିଲେ ଯୁବତୀ ଓ ମହିଳାଙ୍କୁ ଗ୍ଲାମର୍ସ ଲୁକ୍ ମିଳେ। ଶାଢି ହେଉ କି ସାଲୱାର୍ କମିଜ୍, ଗାଉନ୍ ହେଉକି ଯେ କୌଣସି କାଜୁଆଲ୍ ୱେଷ୍ଟର୍ନ ଆଉଟ୍‌ଫିଟ୍ ସାଙ୍ଗେ ଏହି ବିନ୍ଦି ଭଲ ମାନିଥାଏ।





# ପାଠକୀୟ ଶ୍ରଦ୍ଧା ହିଁ ଅସଲ ସନ୍ତକ




ସ୍କୁଲ ବୟସରୁ ସେ କବିତା ଓ ଗଳ୍ପ ଲେଖାଲେଖି କରୁଥିଲେ। ସମୟକ୍ରମେ ଶିଶୁ ମନଲାଖି ଲେଖା ପ୍ରତି ମନ ବଳାଇଲେ। ଦୀର୍ଘ ୪୦ବର୍ଷ ଧରି ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନାକରି ସେ ସୃଷ୍ଟି କରିଛନ୍ତି ଏକାଧିକ ପୁସ୍ତକ। ଏଯାଏ ପ୍ରାୟ ୮୦ଖଣ୍ଡ ପୁସ୍ତକ ରଚନା କରିସାରିଲେଣି। ତାଙ୍କ ସୃଜନଶୀଳତା ପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ବହୁ ପୁରସ୍କାର ଓ ସମ୍ମାନ ମିଳିଥିବାବେଳେ ୨୦୧୧ରେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ତାଙ୍କୁ ପୁରସ୍କାର ମିଳିଥିଲା। ଚଳିତବର୍ଷ ୨୦୨୫ ପାଇଁ କେନ୍ଦ୍ର ବାଲ୍‌ସାହିତ୍ୟ ପୁରସ୍କାର ପାଇବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏକା ଧାରରେ ଜଣେ ଶିକ୍ଷାବିତ୍, ଶିଶୁସାହିତ୍ୟିକ, ପ୍ରାବନ୍ଧିକ ଓ ଅନୁବାଦକ। ସେ ହେଲେ **ଡ. ରାଜକିଶୋର ପାଢ଼ୀ**। ଜନ୍ମ ୧୦।୩। ୧୯୪୨ ମସିହାରେ। ମାତା ସୁଭଦ୍ରାଦେବୀ, ପିତା ଗଙ୍ଗାଧର ପାଢ଼ୀ। ଘର ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଅଧୀନ କୋତପୁର ଗାଁରେ। ସେ କୁହନ୍ତି, ଆମ ପରିବାର ଏକ ସାଧାରଣ ପରିବାର। ମୋର ୨ ଭାଇ । ବଡ଼ଭାଇ ବୀରକିଶୋର ପାଢ଼ୀ ଓ ମଝିଆ ଭାଇ ନବକିଶୋର ପାଢ଼ୀ ଉଭୟେ ସୁଲେଖକ। ତାଙ୍କର ପ୍ରେରଣା ମୋତେ ମିଳିଛି। ସ୍କୁଲ ବୟସରୁ ସ୍କୁଲରେ ୱାଲ ମାଗାଜିନ ପାଇଁ କବିତା ,ଗପ ଲେଖା ଦେଉଥିଲି। ପିଲାଦିନେ ଆମ ଗାଁ ପାଖରେ ଥିବା ବଜ୍ରଗିରି ପାହାଡ଼କୁ ବହୁବାର ବୁଲିବାକୁ ଯିବାବେଳେ ମନରେ ବିଭିନ୍ନ କଥା ଆସୁଥିଲା। ସେ ସବୁକୁ ଲେଖୁଥିଲି। ଏମିତିରେ କବିତା,ଗୀତ ଓ ଗପ ଲେଖିବା ଅଭ୍ୟାସ ଜାରିରହିଲା। ବଡ଼ଭାଇଙ୍କ ସମ୍ପାଦନାରେ ପ୍ରକାଶିତ ଗାଁଭୂଇଁ ପତ୍ରିକାରେ ମୋର ଲେଖା ପ୍ରକାଶ ପାଉଥିଲା। ମିନାବଜାର, ସଂସାର, ଝୁମୁକା, ଟୁକୁମୂଷୀ ଆଦି ପତ୍ରପତ୍ରିକାରେ ଅନେକ ଲେଖା ମୋର ପ୍ରକାଶିତ ହୋଇଛି। ଗୋକର୍ଣ୍ଣିକା ସାହିତ୍ୟ ସଂସଦର ଗୋକର୍ଣ୍ଣିକା ପତ୍ରିକାର ପ୍ରଥମ ସମ୍ପାଦକଭାବେ କାର୍ଯ୍ୟ କରିଥିଲି। ପ୍ରଥମେ ଧର୍ମଶାଳା ବାଣୀପୀଠରେ ପଢ଼ିବାଠାରୁ ଆରମ୍ଭକରି ଟାଙ୍ଗୀ –ଚୌଦ୍ୱାରରେ ୩ବର୍ଷ ପଢ଼ିଥିଲି। ପରେ ଏନ୍‌ସି କଲେଜ ଯାଜପୁରରେ ବିଏ ପଢ଼ିଲି। ଅନୁଗୋଳରେ ବି.ଏଡ୍. ସାରିଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍‌ଏ କଲି। ଓଡ଼ିଆ ଶିଶୁ ସାହିତ୍ୟକୁ 'ଜଗନ୍ନାଥ ମହାନ୍ତିଙ୍କ ଅବଦାନ' ଏକ ସନ୍ଦର୍ଭ ଲେଖି ପିଏଚ୍.ଡି. ହାସଲ କରିଥିଲି। ସମୟକ୍ରମେ ୧୯୬୪ରେ ଜଖପୁରା ହାଇସ୍କୁଲରେ ଶିକ୍ଷକତା କଲି। ଏହା ପରେ ବଲାଙ୍ଗୀର ଏବଂ କେନ୍ଦୁଝର ଜିଲାରେ କେତେକ ହାଇସ୍କୁଲରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରିଥିଲି। ୩ ବର୍ଷ ନବୋଦୟ ବିଦ୍ୟାଳୟରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କଲି। ମାତ୍ର ଚାକିରି ଜୀବନ ସହ ଲେଖାଲେଖି ଅଭ୍ୟାସ ଜାରି ରହିଛି। ଯାଜପୁରର ଅଚ୍ୟୁତପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ଉତ୍ତମ ଶିକ୍ଷକତା ପାଇଁ ରାଜ୍ୟପାଳ ପୁରସ୍କାର ମିଳିଥିଲା। ମୁଁ ରଚନା କରିଥିବା ପୁସ୍ତକ ମଧ୍ୟରେ ଗପ, ପ୍ରବନ୍ଧ, ଆଧୁନିକ କବିତା, ଉପନ୍ୟାସ, ଶିଶୁକବିତା ଆଦି ରହିଛି। ମୁଁ ବିଶେଷକରି ବଙ୍ଗଳା ଓ ଇଂରାଜୀରୁ ଅନୁବାଦ କରିଥାଏ। ଶିଶୁକବିତା ଝଗଡ଼ହଂ ରଗଡ଼ଂ,ଉଡ଼ିଉଡ଼ି ଗଲା ଗୁଡ଼ି, ହାତୀ ନେ ଘୋଡ଼ା ନେ ମୋ ପେଏଁକାଳି ବଜେଇ ଦେ, ବାରମାସୀ ଚଢ଼େଇ, କଢ଼ରେ କଢ଼ ଫୁଲରେ ଫୁଲ, କେତେ ଫୁଲ ଫୁଟିଛି , ସେହିପରି ଛବିର ଘର, କଥା କଳସ, କଥା କଥାନି,ରଫ୍‌ଖାତା ଆଦି ଗଳ୍ପ ଏବଂ ରାଜାର ଜୟଯାତ୍ରା, ଅନ୍ଧାର ରାତି ଉପନ୍ୟାସ , ପ୍ରବନ୍ଧଭାବେ 'ରଚନା ସଂରଚନା, ଅପ୍ରବଧ, ବିଚାର ବିବେଚନା, ରଚନା ଆଲୋଚନା ଇତ୍ୟାଦି ପ୍ରବନ୍ଧ, ଅନୁବାଦ ଭାବେ କୁମ୍ଭ, ଧଳାଘୋଡ଼ା ଏହିପରି ପ୍ରାୟ ୮୦ଟି ବହି ପ୍ରକାଶିତ ହୋଇସାରିଛି। ସେଥିମଧ୍ୟରୁ 'କଥାକଳସ' ଶିଶୁଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ଏହାଛଡ଼ା ଚଳିତବର୍ଷ 'କେତେଫୁଲ ଫୁଟିଛି' ପିଲାଙ୍କ କବିତା ଲାଗି କେନ୍ଦ୍ର ବାଲ୍ୟସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ମୋ କଥା କହିଲେ ମୁଁ ପିଲାଙ୍କ ସହ ଥିଲି , ଅଛି । ସେମାନଙ୍କ ସ୍ୱପ୍ନ ଓ ବାସ୍ତବତାଙ୍କୁ ଅନୁଭବ କରେ। ସେମାନଙ୍କ ସମ୍ପର୍କରେ ବିଭିନ୍ନ କଥା ଜାଣିବାକୁ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନଙ୍କ ମନର ଭାବକୁ ବୁଝିବାକୁ ଚେଷ୍ଟାକରେ। ସେଥିପାଇଁ ଶିଶୁମନସ୍କ ଲେଖାଲେଖି ହୋଇଯାଏ। ମୋ ମତରେ ଶିଶୁଟିଏ ଅନ୍ୟ କାହା ପରି ନ ହେଉ ସେ ନିଜ ପରି ନିଜେ ବା ତା'ପରି ସେ ହେଉ। ପ୍ରତ୍ୟେକ ପିଲାଙ୍କ ଭିତରେ କିଛି ଅନନ୍ୟତା ରହିଛି। ଏହି କଥାକୁ ଆମେ ପ୍ରତ୍ୟେକେ ବାପାମା' ବୁଝିବା ଉଚିତ। ପିଲା ଖେଳିବା ବେଳେ ଯଦି ଖେଳନା ଭାଙ୍ଗିଦିଏ ସେଇ ଭାଙ୍ଗିବା ଭିତରୁ ଗଢ଼ିବାର ସ୍ୱପ୍ନ ଆସେ। ସେଥିରେ ତାକୁ ବାଧାଦେବା ଉଚିତ ନୁହେଁ। ମୋ ମତରେ ପିଲାମାନଙ୍କ ଆତ୍ମବିଶ୍ୱାସ ବଢ଼େଇବା ପାଇଁ ସବୁବେଳେ ସେମାନଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ପିଲାଙ୍କ ପାଇଁ ଲେଖିବାବେଳେ ଆନନ୍ଦ ଦେବା ମୁଖ୍ୟ। ପିଲାଙ୍କୁ ଲେଖକ ପାଠ ପଢ଼ାଏନା ବରଂ ଆନନ୍ଦ ଦିଏ। ପରୋକ୍ଷରେ ତା' ଏକ ଅନୁକୂଳ ଓ ସକାରାତ୍ମକ ବିଚାରବୋଧ ତିଆରିକରେ । ଲେଖାରେ ଯଦି ନୂତନତା ଏବଂ କିଛି ଭିନ୍ନତା ନ ଥାଏ ସେଥିରେ ମୌଳିକତା କ'ଣ ରହିଛି ତାହା ଜାଣିବା କିପରି ? ତାଙ୍କର ଏହି ଲେଖାପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ମିନାବଜାର,ସଂସାର, ଟୁଉକୁମୂଷୀ, ଝୁମୁକା, ଗୋକର୍ଣ୍ଣିକା ସାହିତ୍ୟ ସଂସଦ, ଓଡ଼ିଶା ଶିଶୁ ସାହିତ୍ୟ ଗବେଷଣା ପରିଷଦ ଆଦି ବିଭିନ୍ନ ସମ୍ମାନରେ ସମ୍ମାନିତ। ସେ କୁହନ୍ତି, 'ପୁରସ୍କାର ଓ ସମ୍ମାନ ଲେଖକ ପାଇଁ ସ୍ୱୀକୃତି ଆଣିଦେଇଥାଏ। ଏହା ପ୍ରଚାରପ୍ରସାରରେ ସହାୟକ ହୋଇଥାଏ, ମାତ୍ର ପାଠକୀୟ ଶ୍ରଦ୍ଧା ହିଁ ଅସଲ ସନ୍ତକ।'

–ବନବିହାରୀ ବେହେରା

















# ବାଟ

– ଲତିକା ମହାପାତ୍ର

ବାଟ କ'ଣ ଦିଶେ ?
ବାଟକୁ ଖୋଜିବାକୁ ହୁଏ
ବାଟ କି ଫିଟେ ?
ଦରଜାରେ କରିବାକୁ ହୁଏ କରାଘାତ
ଖୋଲିଯାଏ ଦିନେ ଲୁହାର କବାଟ
ଏକବାର ଅସମ୍ଭବ ମନେହେଉଥିବା କିଛି
କଥା
ପୁଣି କେମିତି ଯେ ଘଟିଯାଏ
ଫୁଲଟିଏ ଫୁଟିଯାଏ
ସୁଗନ୍ଧ ଚହଟିଯାଏ
ହସର ମୁରୁଜ କିଏ ବୁଣିଦିଏ
ବୋଝ ପରି ମନେହୁଏ ଯେଉଁ ଜୀବନ
ସେ ବି ବିବାକ ବିତିଯାଏ
ଆଖିର ପଲକ ପରି
ଯେତେ ସବୁ ଶୂନ୍ୟସ୍ଥାନ ଭରିବାକୁ ହୁଏ
ଆଶାର ବୀଜ ମନ୍ତ୍ରଟେ ବୁଣିଦିଏ ମୁଁ...

–ତାଳଚେର, ମୋ: ୯୮୬୧୩୮୫୫୩୯



# ବର୍ଷା

– ଦେବଯାନୀ ରାୟ

ତମେ ମତେ ଭଲଲାଗ
ଯେମିତି ନିହାତି ଆପଣାର କେହି ଜଣେ
ସେଥିପାଇଁ ତ ମୁଁ ତୁମ ସହ
ମନଖୋଲି ଗପେ
ସ୍ୱପ୍ନକୁ ସଜାଏ ।

ମତେ ଲାଗେ
ତୁମ ଆଖିର ଅକ୍ଷାଂଶରେ ଅଙ୍କା
ଆକାଶର ନକ୍ସା ।

ହୁଏତ ଆଉ କାହାପାଇଁ
ମିଛ ହୋଇପାରେ
ତୁମ ଅଧୀର ଅନ୍ତଃସ୍ୱର,
ପ୍ରେମ ଇସ୍ତାହାର
କିନ୍ତୁ, ମୋ ଲୋମକୂପର
ପ୍ରତିଟି ଛିଦ୍ର ଛିଦ୍ରାନ୍ତରେ
ତୁମ ଉତ୍ତରୀତ ଭାଷ୍ୟ
ଖୋଲିଯାଏ, ମୁକୁଳିଯାଏ, ବିସ୍ତରି ଯାଏ
ଅନାୟାସରେ ।
ଅଧା ଖୋଲା ମୋ ମନର ବାତ୍ୟାୟନରେ ।

ନିର୍ଜନ ଅନ୍ଧାରରେ
ଶୁଦ୍ଧ କଳ୍ପନାର ଅରୂପ ମାୟା
ଘନୀଭୂତ ନାଦର ସ୍ଫୁରଣ
ଭିଜା ଭିଜା ପୁଲକର ଝିନ ଆସ୍ତରଣ
ତମେ ଏମିତି ଝରି ଯାଅ ସହସ୍ର ଧାରାରେ
ଯେମିତି ମୋ କୁଢ଼ କୁଢ଼ ଯନ୍ତ୍ରଣାର
ସୀମାହୀନ ସ୍ରୋତରେ ।

ହେଲେ..., ଶେଷରେ..
ମଶାଣିକୁ କରି ବାହାବେଦୀ
ମତେ ଫେରାଇ ଦିଅ
ମୋର ଯେତେସବୁ ଅଧାଲେଖା ପ୍ରେମ ଗୀତି
ପାଉଁଶରେ ଫୁଲଶେଯ ପାତି
ଅତୀତକୁ ଉଜାଡ଼ିଦେଇ ଯାଅ
ପ୍ରେମର ତରଙ୍ଗେ ଲିଭାଇବାକୁ
ଆଉ କା ଦେହର ଦାହ ।

– ଜଟଣୀ, ଖୋର୍ଦ୍ଧା
ମୋ: ୯୪୩୭୪୧୩୩୧୪



# ସୋଲୋ ଡେଟ୍

–ଯାଜ୍ଞସେନୀ ହୋତା

ସାଙ୍ଗ ପ୍ରଜ୍ଞାକୁ ଫୋନ ଲଗେଇ ଲଗେଇ ଥକ୍କି ଗଲିଣି । ସେଇ ପାପୁଲି ଆକାରର ଏଡିକି ନାକୁରୁ ଯନ୍ତ୍ରର ଛାତି ଚିରି କୋକିଳକଣ୍ଠିଟେ କହୁଛି, ଯେଉଁ ନମ୍ବରରେ ସମ୍ପର୍କ କରିବାକୁ ଚାହୁଁଛନ୍ତି ତାହା ଏବେ ସୁଇଚ୍ ଅଫ୍ ଅଛି ଅଥବା ଅପହଞ୍ଚ ଇଲାକାରେ ଅଛି । କିଛି ସମୟ ପାଇଁ ଅପେକ୍ଷା କରନ୍ତୁ କିମ୍ବା ପୁଣି ଥରେ ଚେଷ୍ଟା କରନ୍ତୁ । ପ୍ରଜ୍ଞା ମୋ ଛୋଟ ଦିନର ଅନ୍ତରଙ୍ଗ ସାଙ୍ଗ । ନିରୀହ, ସରଳ ଆଉ ନିଷ୍କପଟ ହୃଦୟରେ ଗଢ଼ା ନହନହକା ଶରୀରର ମଣିଷଟେ । ପୁସ୍ତକ କୀଟ, ପାଠ ଛଡ଼ା କିଛି ଜାଣେନା । ନା ଖେଳ କୁଦ, ନା ଗୀତ ବାଦ୍ୟ । ବାକି କଥା ସିଆଡ଼େ ଥାଉ ଆମେ ବର୍ଷେ ନିଜ ହାତରେ ରୋଷେଇ କରି ପଢ଼ିବାର ନିଷ୍ପତ୍ତି ନେଲା ବେଳେ ଦି'ଟା ଟମାଟୋକୁ ଅଧ କଡ଼େଇ ତେଲରେ ପକେଇ ଭାଜୁଥିଲା ପ୍ରଜ୍ଞା । ଢୋ କିନା ଫାଟିଗଲା ଟମାଟୋ, ଘର ସାରା ତେଲ । ଆଉ ସଂସାର ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ବିଚାରୀ । ମୁଁ ତ କେବେ ବିଶ୍ୱାସ କରି ନ ଥିଲି ସେ ବାହା ସାହା ହେଇ ସମ୍ଭାଳିବ ଜଞ୍ଜାଳ ବୋଲି । ଯା' ହେଉ ପାଳୁଛି ସଂସାର .. ସ୍ୱାମୀ, ପିଲାଛୁଆ, ଚାକରାଣୀ, ଫୁଲବଗିଚା, ପରିବାର, ବନ୍ଧୁବାନ୍ଧବ ଆଉ ଚାକିରି । ବେଳେ ବେଳେ ମୁଁ ପଚାରେ, କେମିତି ମାପୁଛୁ ସମୟ ? ନିଅଣ୍ଟ ପଡୁନି ତ ? .....ନ କରି କୁଆଡ଼େ ଯାଏ ଆଉ । ଜୀବନକୁ କାଟି ଦେଇଛି ଟିକ ଟିକ କରି । ବାଛି, ବାଛି ସାଉଁଟିବାକୁ ପଡୁଛି ହାତରୁ ଖସି ଯାଉଥିବା ମୁହୂର୍ତ୍ତମାନଙ୍କୁ । ତମାମ ଦିନ କଟୁଛି କୋଳାହଳରେ.. କାଗଜ ପତ୍ର, ଲାପ୍‌ଟପ୍, କିରାଣି, ପିଅନ, ଅଫିସ୍‌ର ଝୁଲା ଚୌକିରେ, ଆଉ ରାତିଟା ଗାଢ଼ ନିଦରେ । ଏଇ ଅମୂଲ୍ୟ ନିଦରେ ଯେଉଁଦିନ ପ୍ରତିବନ୍ଧକ ଆସିଯାଏ, ମହଙ୍ଗା ପଡ଼ିଯାଏ ଆଖିକୁ, ଆଉ ଦେହକୁ । ଅବଶିଷ୍ଟ ସମୟ ପିଲାଙ୍କର ହେଉ କି ସ୍ୱାମୀଙ୍କର ଫର୍‌ମାଇସ୍ ଆଉ ଘର କାମ । ନିଜ ସୁଖ ପାଇଁ ମୁହୂର୍ତ୍ତଟେ ମିଳୁଛି କେଉଁ ଯେ ? ବାସ୍ । ପୁଣି ଥରେ ରିଂ କଲି ହେଲେ ସେଇ କଥା, ସୁଇଚ୍‌ଅଫ୍ । ମନଟା ବିକଳ ହେଲା । ଭଲ ମନ୍ଦ, ସୁଖ ଦୁଃଖ ଟିକେ ନ ହେଲେ ହଜମ ହୁଏନା ଖାଇଲା ଖାଦ୍ୟ । ପ୍ରାୟ ସଂଧ୍ୟା ଛଅଟା । କଲ୍ ବ୍ୟାକ୍ କଲା ପ୍ରଜ୍ଞା । ମୁଁ ଏକା ଥରକେ ରାଗିଗଲି । କୁଆଡେ ଯାଇଥିଲୁ କିରେ ? ଶହେଥର ରିଂ କରିଛି ତତେ । କ'ଣ ଆଜିକାଲି ଗଭର୍ନର ହୋଇଗଲୁଣି ନା କ'ଣ ? ବହେ ହସିଲା । ହଁ ଯାଇଥିଲି ଗୋଟେ ବଡ଼ କାମରେ । ମାନେ ? ସୋଲୋ ଡେଟ୍ ସେଲିବ୍ରେସନ କରୁଥିଲି । ଆଁ...ଏଟା କିସ ଲୋ ? ସୋଲୋ ଡ୍ୟାନ୍ସ ସୋଲୋ ସଙ୍ଗ୍..ଏତକ ଜାଣିଛି । ସେଟା ଏକା ଏକା ନାଚିବା ଗାଇବା ଯିମିତି, ଏଟା ଦିନଟିଏ ନିଜ ପାଇଁ ଏକା ଏକା ପାଳିବା ସେମିତି । ହୁଁ..ଦେଖ ସକାଳ ଅନ୍ଧାରଟାରୁ ଉଠିବୁ ଯେ ପିଲାଙ୍କୁ ସଜ କରି ସ୍କୁଲ ପଠା । ପୁଣି ଦି' ଜଣଙ୍କ ପାଇଁ ଜଳଖିଆ କରି ପ୍ୟାକିଂ କର, ଧାଁ ଧପଡ଼ ହୋଇ ରନ୍ଧାବଢ଼ା ସାରି ଅଫିସ ଚାଲ, ସେଠି ପୁଣି ସାରା ଦୁନିଆର ଜଞ୍ଜାଳ, ହୋହାଲ୍ଲା, କାଗଜ କଲମ, ଲାପ୍‌ଟପ୍, ଭିଡ ଆଉ ଭିଡ । ଶୀତଦିନେ ପାଞ୍ଚଟା ମାନେ ଅନ୍ଧାର । ଅସ୍ତ ବ୍ୟସ୍ତ ହୋଇ ପଡ଼ିଥିବା ଘରେ ପାଦ ଦେଲା ମାତ୍ରେ ମାଡ଼ି ବସୁଛି ଗୋଟେ ଓଜନ । ପିଲା ଛୁଆଙ୍କ ଏକବାର ଆକ୍ରମଣ । ଥକ୍କି ପଡୁଥିବା ପାଦ ଟିକେ ବିଶ୍ରାମ ଲୋଡୁଥିବା ବେଳେ କାମଗୁଡିକର ଲମ୍ବା ଲାଇନ । ସକାଳ ପାଞ୍ଚଟାରୁ ରାତି ଏଗାରଟାଯାଏ ନା ହାତ ଥକୁଛି, ନା ପାଦ । ସେଥିରେ ପୁଣି ଟିକେ ଅଲଣା କି ଲୁଣିଆ ହେଲେ କେଚେର୍ କେଚେର୍ । କେବେ କେମିତି ଠିକ୍ ସମୟରେ ରୁଟି ହୋଇ ନ ପାରିଲା ତ ଝଗଡ଼ା । କେତେବେଳେ କ୍ଷୀର ଟିକେ ଉତୁରି ଗଲେ ପାଟିତୁଣ୍ଡ । ଏ ପୁରୁଷ ଜାତି ନିଜକୁ କ'ଣ ଭାବନ୍ତି କେଜାଣି ସ୍ତ୍ରୀ ଉପରେ ସବୁ ଜୁଲୁମ । ଆଜି କ'ଣ କଲି ଜାଣିଛୁ ନା । ସକାଳୁ କିଛି ଅଫିସ କାମ ନେଇ ବାହାରିଗଲି ସହରକୁ । ଚଟାପଟ୍ କାମ ସାରିଦେଇ ଗଲି ମାର୍କେଟକୁ । ମନଭରି ଯାବତୀୟ ଘରର ଆବଶ୍ୟକୀୟ ଜିନିଷ କିଣିଲି, କିଛି ମୋ ନିଜ ପାଇଁ । ଗୋଟେ ଭଲ ରେଷ୍ଟୁରାଣ୍ଟରେ ନିଜ ପସନ୍ଦର ଖାଇବା ମଗେଇ ମନଭରି ବସିକି ଖାଇଲି । ସାରା ଦିନ ଖଟି ଖଟି ବି ନିଜ ପାଇଁ ମୁହୂର୍ତ୍ତଟେ କାଢି ପାରୁନି ମଣିଷ । ଏଥର ମାସକ ଗୋଟେ ଦିନ ସୋଲୋ ଡେଟ୍ ପାଳିବି ମୋ ପାଇଁ । ହାଲ୍‌କା ଲାଗିବ ଟିକେ ଜୀବନ ଆଉ ଘୋରି ହୋଇ ଯାଉଥିବା ବୟସ ବି ଟିକେ ବୋଲ ମାନିବ । ଆରେ ଭଲ ଆଇଡିଆଟେ ଦେଲୁ ତ ପ୍ରଜ୍ଞା । ମୁଁ ବି ନିର୍ଦ୍ଦିଷ୍ଟ ଦିନଟେ ନିଜ ପାଇଁ ବାଛିବି ତା'ହେଲେ । ଆଉ ଏ ଦିନର ନାଁ ତ ପୁଣି ମନେ ପକେଇବାକୁ ପଡିବ । କ'ଣ କି ପ୍ରଜ୍ଞା ? ହା ହା ସୋଲୋ ଡେଟ୍‌ରେ ବୋକୀ ।

–ବେଲପଡ଼ା
ମୋ:୯୧୭୮୮୬୬୩୭୭



ପରଦାରେ

# ଛି ରେ ନନୀ



'ଛି ରେ ନନୀ' ଫିଲ୍ମରେ ଶିବାନୀ-ଶୈଳେନ୍ଦ୍ର

ମ୍ୟୁଜିକ ଆଲବମ୍ 'ଛି ରେ ନନୀ ଛି..' ପୁଣି ଥରେ ବେଶ୍ ଶ୍ରୋତାଦୃତ ହେବା ପରେ ଏହାକୁ ନେଇ ଏକ ସିନେମା ନିର୍ମାଣ କରାଯାଇଛି । ଉକ୍ତ ଚିତ୍ରର ଟାଇଟଲ ରହିଛି 'ଛି ରେ ନନୀ' । ପ୍ରେମକୁ ଏକ ନୂଆ ପରିଭାଷାରେ ଏଥିରେ ଦୃଶ୍ୟାୟନ କରାଯାଇଛି । କେବଳ ପ୍ରେମ ନୁହେଁ, ଏଥିରେ ଫ୍ୟାମିଲି ଡ୍ରାମାର ଝଲକ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ବିଶିଷ୍ଟ ତଥା ସଫଳ ପ୍ରଯୋଜକ ସୀତାରାମ ଅଗ୍ରୱାଲ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଶାନ୍ତ ମଣି । ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ସିଦ୍ଧାର୍ଥ ଏବଂ ତମନ୍ନା ଅଗ୍ରୱାଲ । ସଂଳାପ ରଚନା କରିଛନ୍ତି ସୁଶାନ୍ତ ମଣି ଏବଂ ହୀରେନ୍ କୁମାର । ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି କୁହୁ ମଲ୍ଲ । ଏହାର ଟାଇଟଲ ଗୀତଟି ଇତିମଧ୍ୟରେ ବେଶ୍ ଭାଇରାଲ ହୋଇଛି । ଗୀତଗୁଡିକୁ କୋରିଓଗ୍ରାଫି କରିଛନ୍ତି ସୁଶାନ୍ତ ମଣି । ଚିତ୍ରଟିର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଶୈଳେନ୍ଦ୍ର ସାମନ୍ତରାୟ, ଦୀପନ୍ୱିତ ଦାସମହାପାତ୍ର ଏବଂ ଶିବାନୀ । ଫିଲ୍ମଟି ଅଗଷ୍ଟ ୧ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ କିଛି ବର୍ଷ ପୂର୍ବେ ସୀତାରାମଙ୍କ ପ୍ରଯୋଜିତ ଏବଂ ସୁଶାନ୍ତ ନିର୍ଦ୍ଦେଶିତ ତଥା ଅନୁଭବ ମହାନ୍ତିଙ୍କ ଅଭିନୀତ ଓଡ଼ିଆ ସିନେମା 'ଅଭିମନ୍ୟୁ' ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା ।

# ନିର୍ଦ୍ଦେଶକ ହେବାର ଇଚ୍ଛା

କପୁର ଖାନଦାନ୍‌ର ଅନ୍ୟତମ ଦାୟାଦ ରଣବୀର କପୁର ଇତିମଧ୍ୟରେ ବଲିଉଡ୍‌ରେ ଅନେକ ସିନେମାରେ ଅଭିନୟ କରିସାରିଲେଣି । ହେଲେ ତାଙ୍କର ଏକ ଆଶା ରହିଛି । ଯଦି ଭବିଷ୍ୟତରେ କେବେ ସୁଯୋଗ ମିଳେ, ତାହା ନିଶ୍ଚୟ ପୂରଣ ହେବ ବୋଲି ମଧ୍ୟ ଦୃଢ଼ ଆଶା ରଖିଛନ୍ତି । ରଣବୀର ଅଭିନେତା ତ ହେଲେ, ପୁଣି କ'ଣ ଆଶା ରହିଛି ସେ କଥା ଜାଣିବେନି ? କଥା କ'ଣ କି ଅଭିନୟ ବ୍ୟତୀତ ସେ ନିର୍ଦ୍ଦେଶନାର ହଟ୍ ସିଟ୍‌ରେ ବସିବାକୁ ଚାହାନ୍ତି । ତେବେ ଏ ନେଇ ଭାବିଦେଲେ ତ ହେବ ନାହିଁ, ସେଭଳି ସୁଯୋଗଟିଏ ମିଳିବା ଦରକାର । ଅବଶ୍ୟ ଅଭିନୟ କରିବା ପୂର୍ବରୁ ସେ ସହ-ନିର୍ଦ୍ଦେଶକ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ସାରିଛନ୍ତି । ୧୯୯୬ରେ ରିଲିଜ ହୋଇଥିବା 'ପ୍ରେମ ଗ୍ରନ୍ଥ' ଏବଂ ସୁପରିହିଟ୍ ଫିଲ୍ମ ତଥା ଅମିତାଭ ବଚ୍ଚନ ଏବଂ ରାଣୀ ମୁଖାର୍ଜୀ ଅଭିନୀତ 'ବ୍ଲାକ୍' (୨୦୦୫)ର ସେ ସହ ନିର୍ଦ୍ଦେଶକ ଥିଲେ । ପରେ ଅଭିନୟ ସହ ଜଡିତ ହେବାରୁ ସହ-ନିର୍ଦ୍ଦେଶନାଠାରୁ ସେ ପ୍ରାୟ ଦୂରେଇ ଯାଇଛନ୍ତି । ରଣବୀର କୁହନ୍ତି, ''ପୂର୍ବରୁ ମୁଁ ଦୁଇଟି ସିନେମାର ସହ-ନିର୍ଦ୍ଦେଶକ ଭାବରେ କାମ କରିସାରିଛି । ଏହି ଅଭିଜ୍ଞତାକୁ ପାଥେୟ କରି ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ଠିକ୍ ଭାବରେ ତୁଲାଇ ପାରିବି ବୋଲି ମୋର ନିଜ ଉପରେ ଭରସା ରହିଛି । ଖାଲି ଯାହା ଏବେ ସୁଯୋଗକୁ ଅପେକ୍ଷା କରିଛି ।'' ତେବେ ସେ କେବେ ନିର୍ଦ୍ଦେଶକ ସାଜୁଛନ୍ତି ତାହା ଦେଖିବାକୁ ବାକି ରହିଲା ।



ରଣବୀର କପୁର



କ୍ରିତି

# ସେହି କେଇ ପଦ କଥା..

ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା ବେଳେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥାଏ । ସାହସର ସହ ସେଗୁଡିକୁ ମୁକାବିଲା କରିପାରିଲେ ହିଁ ଜଣେ ଆଗକୁ ଆଗେଇ ପାରିବ । କ୍ରିତି ସାନନ୍ ଯେତେବେଳେ ଅଭିନୟକୁ କ୍ୟାରିୟର କରିବାକୁ ମନ ବଳାଇଲେ ସେତେବେଳେ ତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା । ତଥାପି ୨୦୧୪ରେ ଯେତେବେଳେ ସେ ତେଲୁଗୁ ଫିଲ୍ମ 'ନିନୋକାଡିନି'ର ଅଫର୍ ପାଇଲେ ସାହସର ସହ ସେଥିରେ ଅଭିନୟ କରିଥିଲେ । ଏହି ଫିଲ୍ମର ନାୟକ ସାଜିଥିଲେ ମେଗା ଷ୍ଟାର ମହେଶ ବାବୁ । ଶୁଟିଂ ସମୟରେ ମହେଶ ବାବୁଙ୍କ ଆକ୍ଟିଂ ଟିପ୍ସଗୁଡିକୁ ସେ ଭଲ ଭାବରେ ଅନୁଧ୍ୟାନ କରି ସେଗୁଡିକୁ ଅନୁସରଣ କରିଥିଲେ । ଏ ବିଷୟରେ କ୍ରିତି କହନ୍ତି, ''ମହେଶ ବାବୁଙ୍କ ସହ ଯେ ମୁଁ ଆକ୍ଟିଂ ଡେବ୍ୟୁ କରିବି-ଏ କଥା କେବେ ଚିନ୍ତା କରି ନ ଥିଲି । ଫିଲ୍ମର ଶୁଟିଂ ସମୟରେ ସେ ମୋ ମନରେ ଅଭିନୟକୁ ନେଇ ଥିବା ଅନେକ ସନ୍ଦେହକୁ ଦୂର କରିଥିଲେ । ସେଥିପାଇଁ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ । ଯଦି ସେ ସେତେବେଳେ ମୋତେ ସହଯୋଗ କରି ନ ଥାନ୍ତେ ତେବେ ମୁଁ ହୁଏତ ମୋ ଆକ୍ଟିଂ କ୍ୟାରିୟରକୁ ଆଗକୁ ନେଇପାରି ନ ଥାନ୍ତି ।'' ପୁଣି ଠିକ୍ ସେହି ବର୍ଷ ହିଁ କ୍ରିତି ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମା 'ହିରୋପନ୍ତୀ' ବି ରିଲିଜ ହୋଇଥିଲା ।

# ଛାଡିନି ବାସ୍କେଟବଲ ନିଶା

ବାଣୀ କପୁର କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ସେ ଜଣେ ବାସ୍କେଟବଲ ଖେଳାଳୀ ମଧ୍ୟ । ପାଠ ପଢ଼ିବା ସମୟରେ ସେ ଜାତୀୟ ବାସ୍କେଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତେଣୁ ସେହି ସମୟରୁ ଏହା ତାଙ୍କର ଏକ ନିଶା ପାଲଟି ଯାଇଛି । ଏବେ ମଧ୍ୟ ପ୍ରତିଦିନ କିଛି ସମୟ ବାସ୍କେଟବଲ ନ ଖେଳିଲେ ତାଙ୍କୁ ଭଲ ଲାଗି ନ ଥାଏ । ଏ ନେଇ ବାଣୀ କହନ୍ତି, 'ମୋ ଷ୍ଟୁଡେଣ୍ଟ କ୍ୟାରିୟରରେ ମୁଁ ବାସ୍କେଟବଲ ଖେଳିବା ଆରମ୍ଭ କରିଥିଲି । ଏପରିକି ନ୍ୟାସନାଲ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛି । ସେତେବେଳେ ଏହା ମୋ ଜୀବନର ଏକ ଅଙ୍ଗ ପାଲଟି ଯାଇଥିଲା । ଏବେ ମଧ୍ୟ ସେହି ନିଶା ମୋ ମୁଣ୍ଡରୁ ଉତୁରି ନାହିଁ । ନିଜକୁ ଫିଟ୍ ରଖିବାକୁ ମୁଁ ପ୍ରତିଦିନ ଯେମିତି ବି ହେଉ କିଛି ସମୟ ବାସ୍କେଟବଲ ଖେଳିଥାଏ ।'' ବଡ ପରଦାରେ ଏଣ୍ଟ୍ରି କରିବା ପୂର୍ବରୁ ବାଣୀ ମଡେଲିଂ ସହ ଜଡିତ ଥିଲେ । ତା'ସହ ସେ କିଛି ସମୟ ପାଇଁ ଜଣେ ଏୟାରହୋଷ୍ଟେସ ଭାବେ ବି କାମ କରିଥିଲେ ।



ବାଣୀ

# ଭାଗ୍ୟବତୀ ଅନୀତ


ନବାଗତା ଅନୀତ ପଡ୍ଡା । ପ୍ରଥମ ସିନେମା ହିଟ୍ ହେବା ପରେ ଏବେ ତାଙ୍କର ଚାହିଦା କାହିଁରେ କେତେ । ଅନୀତ ଏବଂ ନବାଗତ ଅହାନ ପାଣ୍ଡେଙ୍କ ଅଭିନୀତ ତଥା ଜୁଲାଇ ୧୮ରେ ରିଲିଜ ହୋଇଥିବା 'ସୈୟାରା' ବକ୍ସ ଅଫିସରେ ଆଶାତୀତ ବିଜନେସ୍ କରି ସମସ୍ତଙ୍କୁ ଚକିତ କରିଦେଇଛି । ତେବେ ଏହି ଫିଲ୍ମ ରିଲିଜ ପୂର୍ବରୁ ଫ୍ଲପ୍ ତାଲିକାଭୁକ୍ତ ହେବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିଥିଲେ । ହେଲେ ତାହା ଭୁଲ ସାବ୍ୟସ୍ତ ହୋଇଛି । ମାତ୍ର ୩୫କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟି ଏ ପର୍ଯ୍ୟନ୍ତ ୧୮୭ କୋଟି ଆୟ କରିସାରିଲାଣି । କାହାଣୀ ଅନୁସାରେ କୃଷ କପୁର (ଅହାନ) ଜଣେ ଗୀତିକାର । ଏକଦା ବାଣୀ ବାତ୍ରା ନାମ୍ନୀ ଜଣେ କବିଙ୍କ ସହ ଭେଟ ହୋଇଛି । ଆଉ ତା'ପରେ ଉଭୟ ପରସ୍ପର ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ଲାଗିପଡିଛନ୍ତି । ଆଉ ତା' ଭିତରେ ପ୍ରେମ ଡୋରିରେ ବାନ୍ଧି ହୋଇଯାଇଛନ୍ତି । ତେବେ ନିଜର ଲକ୍ଷ୍ୟକୁ ସେମାନେ କିପରି ସଫଳ କରୁଛନ୍ତି ତାହା ଫିଲ୍ମଟିରେ ଦେଖିବାକୁ ମିଳିଛି । ଅକ୍ଷୟ ବିଧାନୀ ଏହାର ପ୍ରଯୋଜନା କରିଛନ୍ତି । ରୋହନ ଶଙ୍କରଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା କରିଛନ୍ତି ସଂକଳ୍ପ ସାଧନା । ଯଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ମୋହିତ ସୁରି । ତେବେ ଅଭିନୟ ଦୁନିଆରେ ପାଦ ଥାପିଥିବା ଅନୀତ କହନ୍ତି, ''ମୋର ପ୍ରଥମ ସିନେମାକୁ ଯେ ଦର୍ଶକ ଏପରି ଗ୍ରହଣ କରିବେ ତାହାକୁ ମୁଁ ବିଶ୍ୱାସ କରିପାରୁନି । ଏ ନେଇ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ମୋ ନିକଟରେ ଭାଷା ନାହିଁ । ଏବେ ମୋ ହାତରେ ୨-୩ଟି ଅଫର ରହିଛି । ହେଲେ ମୁଁ ତରବର ହୋଇ କୌଣସି ନିଷ୍ପତ୍ତି ନେବି ନାହିଁ ।''



'ସୈୟାରା' ଫିଲ୍ମରେ ଅନୀତ-ଅହାନ୍

# ଟେନ୍‌ସନରେ ଜ୍ୟାକ୍‌ଲିନ୍

ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ଟେନ୍‌ସନ ଏବେ ଟିକେ ବଢ଼ିଯାଇଛି । କାରଣ ନିକଟରେ ପାଇଥିବା ଏକ ଅଫରକୁ ନେଇ ସେ ଏବେ ଦୋଛକିରେ ପଡିଛନ୍ତି । ଏଥିରେ ତାଙ୍କୁ ଡବଲ ରୋଲ୍‌ରେ ଦର୍ଶକ ଦେଖିବାକୁ ପାଇବେ । ସେହି ରୋଲ୍ ମଧ୍ୟରୁ ଗୋଟିଏ ଆକ୍ସନଭିତ୍ତିକ ହୋଇଥିବା ବେଳେ ଅନ୍ୟଟି ଏକ ସାଧାରଣ ଗାଉଁଲି ଝିଅର ଚରିତ୍ର । ତେଣୁ ଏଭଳି ରୋଲ୍‌କୁ କିପରି ଜଷ୍ଟିସ ଦେବେ ତାକୁ ନେଇ ସେ ଟେନ୍‌ସନରେ ଅଛନ୍ତି । ଏ ବିଷୟରେ ସେ କହନ୍ତି, ''ଏହି ଡବଲ ରୋଲକୁ କିପରି ତୁଲାଇବି ସେ ନେଇ ଟେନ୍‌ସନରେ ଅଛି । କାରଣ ୟା ଭିତରେ ମୋତେ କେତୋଟି ଆକ୍ସନ ଶଟ୍ ବିଷୟରେ ସ୍ପେଶାଲ ଟ୍ରେନିଂ ନେବାକୁ ପଡିବ । ପୁଣି ଏହାକୁ ସୀମିତ ସମୟ ଭିତରେ ଶେଷ କରିବାକୁ ହେବ । ଭୂମିକାଦ୍ୱୟ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି ।'' ଖାସ୍ କଥା ହେଲା ଜ୍ୟାକ୍‌ଲିନ୍ ଅଭିନୟ କରିବାକୁ ଯାଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ । ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଆଲ୍ଲାଦିନ୍'ରୁ । କିନ୍ତୁ ପ୍ରଥମ ସିନେମା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ।



ଜ୍ୟାକ୍‌ଲିନ୍

# ମାମା, ବାବାଙ୍କୁ ସରପ୍ରାଇଜ୍ ଦେଇଥିଲି

ପ୍ରଥମ ରୋଜଗାର



ଚକ୍ଷୁରୋଗ ବିଶେଷଜ୍ଞ ଓ ଲେଖିକା **ଡା. ଦିଶା ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଏମ୍‌ବିବିଏସ୍ ପଢୁଥିବାବେଳେ ମୋର ବ୍ୟାଙ୍କରେ ଆକାଉଣ୍ଟ ନ ଥିଲା । ଯାହା ସବୁ କଲେଜକୁ ଦିଆନିଆ ହୁଏ ସେ ସବୁ ମାମା, ବାବାଙ୍କ ଆକାଉଣ୍ଟରୁ । ଏମ୍‌ବିବିଏସ୍ କୋର୍ସ ସାରି ଆମେ ଇର୍ଣ୍ଟର୍ନରେ ଯୋଗ ଦେଲା ବେଳକୁ ଆମକୁ ନିଜ ନିଜ ନାଁରେ ଆକାଉଣ୍ଟ ଖୋଲିବା ପାଇଁ କୁହାଗଲା । ସେତେବେଳେ ଆମେ ସବୁ ଉଲ୍ଲସିତ ହୋଇପଡିଥିଲୁ । କିନ୍ତୁ ଦୁଇ ତିନି ମାସ ବିତିଗଲା ସିନା ପଇସା ଆସିଲା ନାହିଁ । ଆମର ସମସ୍ତ ଉତ୍ସାହ ମରିଗଲା । ଇଣ୍ଟର୍ନ ସମୟରେ କିଛି ପାରିଶ୍ରମିକ ଦେବେ କି ନାହିଁ ଏହି ଆଶା ନିରାଶା ଭିତରେ ଆମେ ସମସ୍ତେ ଆଶା ଛାଡ଼ି ଦେଇଥିଲୁ । ବୋଧହୁଏ ଆଉ ଦେବେନି, ଆମେ ଏମିତି ମାଗଣାରେ ଖଟିବୁ । ହଠାତ୍ ଦିନେ ଆମେ କ୍ୟାଣ୍ଟିନ୍‌ରେ ବସିଛୁ, ଆମ ଭିତରୁ କେହି ଜଣେ ଚିତ୍କାର କରି କହିଲା, ଆସିଗଲା, ଆସିଗଲା । ଆମେ ହଠାତ୍ କିଛି ବୁଝିପାରିଲୁ ନାହିଁ । ସେ କହିଲା, ପଇସା ପଇସା, ଆମେ ସମସ୍ତେ ଯେ ଯାହାର ମୋବାଇଲ୍ ଚେକ୍ କଲୁ । ସତକୁ ସତ ସମସ୍ତଙ୍କ ଆକାଉଣ୍ଟକୁ ଆସିଥିଲା ୨୦ ହଜାର ଲେଖାଏ । ଖୁସିରେ ଆମେ ସବୁ ଅଧୀର ହୋଇପଡିଲୁ । ଜୀବନରେ ପ୍ରଥମ ଥର ୨୦ ହଜାର ଟଙ୍କାର ମାଲିକ । ସେ ପର୍ଯ୍ୟନ୍ତ ମୁଁ ମାମା ବାବାଙ୍କୁ କିଛି ସେ ପଇସା ମିଳିବା କଥା କହି ନ ଥିଲି । ମନ କଥା ମନରେ ରଖି ଘରକୁ ଫେରିଲି । ସନ୍ଧ୍ୟାରେ ମାମା, ବାବାଙ୍କୁ ଗୋଟାଏ ସରପ୍ରାଇଜ୍ ଦେବା ପାଇଁ ଚିନ୍ତା କରିଥିଲି । ହେତୁ ହେବା ଦିନରୁ, ମୋର ଆବଶ୍ୟକତା ଅନୁଭବ କରିବା ପୂର୍ବରୁ ମାମା ବାବା ସେସବୁ ପୂରଣ କରି ଦେଉଥିଲେ । ସେଇ ଶୈଶବରୁ ମୋ ମନ ଭିତରେ ଛୋଟିଆ ଇଚ୍ଛାଟିଏ ଥିଲା, ମୁଁ ମାମା ବାବାଙ୍କୁ ମୋ ରୋଜଗାରରୁ କିଛି ଉପହାର ଦେବି ବୋଲି । ସେଇ ୨୦ହଜାର ଟଙ୍କା ହାତରେ ପଡିଲା ପରେ ସ୍ୱର୍ଗ ଯେମିତି ମୋଠାରୁ ଆଉ ଦୁଇ ଆଙ୍ଗୁଳି ଦୂରରେ, ମୁଁ ସେମିତି ଅନୁଭବ କଲି । ପ୍ରଥମେ ଆମ ଘର ପାଖରେ ଥିବା ଏକ ମନ୍ଦିର ପୂଜକଙ୍କ ହାତରେ ୫ଶହ ଟଙ୍କା ଦେଇଥିଲି ମନ୍ଦିରରେ ପ୍ରସାଦ ଲଗାଇବା ପାଇଁ । ଖୁବ୍ ଉତ୍ସାହର ସହ ମାମା ବାବାଙ୍କୁ ବଜାର ଯିବା ପାଇଁ ବାଧ କରିଥିଲି । ଅନିଚ୍ଛା ସତ୍ତ୍ୱେ ସେମାନେ ମୋ ସହ ଯାଇଥିଲେ । ଦୀର୍ଘ ୫ ବର୍ଷ ହେଲା ଯେଉଁ ଡ୍ରାଇଭର୍ ଭାଇଟି ମେଡିକାଲ୍ କଲେଜରୁ ମୋତେ ନେବା ଆଣିବା କରୁଥିଲେ, ସେ ମୋତେ ଘରେ ଛାଡ଼ି ଦେଇ ନିଇତି ତାଙ୍କ ଘରକୁ ଫେରିଯାଆନ୍ତି । କିନ୍ତୁ ସେଦିନ ମୁଁ ତାଙ୍କୁ ଅଟକେଇଥିଲି । ବାବାଙ୍କୁ ଡ୍ରାଇଭ୍ କରିବାକୁ ନ ଦେଇ ସେ ଭାଇଙ୍କୁ ଡ୍ରାଇଭ୍ କରିବାକୁ କହିଲି । ମୋ ମନର ଇଚ୍ଛାଟିକୁ ମୁଁ ସମସ୍ତଙ୍କ ପାଖରେ ଗୋପନ ରଖିଥିଲି । ମଲ୍‌ରେ ପଶିଲା ପରେ ମାମା ଓ ବାବାଙ୍କୁ ସେମାନଙ୍କ ମନ ପସନ୍ଦର ଶାଢ଼ି ଓ ଡ୍ରେସ୍ କିଣି ଦେବା ପରେ ଡ୍ରାଇଭର୍ ଭାଇଙ୍କୁ ଫୋନ୍ କରି ଡାକିଥିଲି । ଆଉ ତାଙ୍କୁ ବି ମୋ ପସନ୍ଦରେ ଭଲ ଡ୍ରେସ୍ ହଳେ କିଣି ଦେଇଥିଲି । ସେ ଖୁବ୍ ସଂକୁଚିତ ଅନୁଭବ କଲେ ମଧ୍ୟ ସେଠାରେ ସେ ଗ୍ରହଣ କରିଥିଲେ । ଯେହେତୁ ସେଇଟା ମୋର ପ୍ରଥମ ରୋଜଗାର ଥିଲା ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ପାଇଁ ମଧ୍ୟ ମୁଁ କିଛି କିଛି ଉପହାର ଆଣିଥିଲି । ସେଦିନ ମାମା ବାବାଙ୍କ ଆଖିରେ ଯେଉଁ ଆଶୀର୍ବାଦର ଭାଷା ପଢିଥିଲି ଓ ଡ୍ରାଇଭର୍ ଭାଇଙ୍କ ମୁହଁରେ ଯେଉଁ ଆତ୍ମତୃପ୍ତିର ଭାବ ଦେଖିଥିଲି ତାହା ଆଜି ପର୍ଯ୍ୟନ୍ତ ମୋର ମନେ ଅଛି । ଏହା ଭିତରେ ମୋର ରୋଜଗାର ବେଶ୍ ବଢିଛି । କିନ୍ତୁ ଜୀବନର ସେହି ପ୍ରଥମ ରୋଜଗାରର ସେ ମିଠା ଅନୁଭୂତିକୁ ମନରୁ ପାସୋରି ପାରୁନି କି କେବେ ବି ପାରିବିନି । ରୋଗୀସେବା ବ୍ୟତିତ ମୁଁ ଇଂଲିଶ ଭାଷାରେ କବିତା, ପ୍ରବନ୍ଧ, ସମାଜ ସଚେତନାମୂଳକ ଲେଖା ସହ ଚିକିତ୍ସାକୁ ନେଇ ବିଭିନ୍ନ ରିସର୍ଚ୍ଚମୂଳକ ଲେଖା ବି ଲେଖୁଛି ।

ସାଥୀ

# ଲାଜୁଆ ଆଖିର ଭିତିରି କଥା, ତହିଁରେ ରହିଛି ପ୍ରେମର ଗାଥା



**ପ୍ରଶ୍ନ–**ମୁଁ ଏବେ କଲେଜରେ ପଢୁଛି । ମୋତେ ଦେଖି ଜଣେ ଝିଅ ସବୁବେଳେ କଣେଇ କଣେଇ ଚାହୁଁଛି । ଆଉ ମୋ ଆଖି ସହ ତା' ଆଖି ମିଶିଗଲେ ସେ ଲାଜେଇ ହସି ଦେଉଛି । ଏହା କ'ଣ ପ୍ରେମର ପହିଲି ଇସାରା ବୋଲି ଭାବି ନେବି କି ?

*–ଆଦିତ୍ୟ ସାହୁ, କୋରାପୁଟ*

**ଉତ୍ତର:**'ଲାଜୁଆ ଆଖିର ଭିତିରି କଥା, ତହିଁରେ ରହିଛି ପ୍ରେମର ଗାଥା ।' କଲେଜରେ ପଢ଼ିବା ବେଳେ ଏମିତି ପ୍ରଥମ ଦେଖାରେ ପ୍ରେମର ପହିଲି ପୁଲକ ମନକୁ ଆନ୍ଦୋଳିତ କରିଥାଏ । ପ୍ରଥମ ଦେଖା, ତା'ପରେ ଟିକେ କଥାବାର୍ତ୍ତା ଆଉ ପରବର୍ତ୍ତୀ ସମୟରେ ଏହି ଘଟଣା ନୂଆ ରୂପ ନିଏ । ଆଉ ସେଥିରେ ଦୁହିଁଙ୍କର ମନର କଥା ନିହିତ ଥାଏ । ଯଦି ସେ ଝିଅଟି କଣେଇ ଚାହୁଁଛି ଆଉ ଆଖିରେ ଆଖି ମିଶିଲେ ଲାଜେଇ ହସି ଦେଉଛି, ତେବେ ଏତେ ସବୁ ସଙ୍କେତ ପାଇବା ପରେ ଆପଣ ଆଗକୁ ବଢ଼ିଲେ କ୍ଷତି କ'ଣ ? ବାସ୍ ସୁବିଧା ସୁଯୋଗ ଦେଖି ନିଜ ମନର କଥା ତାକୁ କୁହନ୍ତୁ । ଯଦି ସେପଟୁ ସବୁଜ ସଙ୍କେତ ମିଳିଗଲା, ତେବେ ଡେରି ନ କରି ନିଜ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ।

**ପ୍ରଶ୍ନ–**ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି । ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି । କ'ଣ କରିବି ?

*–ସୁକାନ୍ତ କୁମାର ବିଶ୍ୱାଳ, ବ୍ରହ୍ମପୁର*

**ଉତ୍ତର:**ଆପଣଙ୍କ ପ୍ରଶ୍ନରୁ ସ୍ପଷ୍ଟ ଜଣାପଡୁଛି ଯେ ପ୍ରଥମ ପ୍ରେମରେ ଆପଣ ଧୋକା ଖାଇଛନ୍ତି । ଆଉ ନିଜର ଭଙ୍ଗା ହୃଦୟକୁ ନିକଟରେ ପୁଣି ଥରେ ଯୋଡି ପ୍ରେମର ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି । ହେଲେ ପୁରୁଣା ପ୍ରେମକୁ ଭୁଲି ପାରୁନାହାନ୍ତି । ପ୍ରଥମ ପ୍ରେମକୁ ଭୁଲିବା ଏତେଟା ସହଜ ନୁହେଁ । ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନରେ ସେତେ କମ୍ପନ ସୃଷ୍ଟି କରିବ । ଯଦି ପୁଣି ଥରେ ପ୍ରେମ କରିବାକୁ ଚାହୁଁଛନ୍ତି କିମ୍ବା କରୁଛନ୍ତି, ତେବେ ପୁରୁଣା ପ୍ରେମକୁ ମନରୁ ପ୍ରଥମେ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ । ନ ହେଲେ ନୂଆ ପ୍ରେମର ମଜାରେ ତାହା ନିଶ୍ଚୟ ଅନ୍ତରାୟ ସୃଷ୍ଟି କରିବ ।

**ପ୍ରଶ୍ନ–**ମୋ ପ୍ରମିକା ମୋ ଉପରେ ଅଭିମାନ କରିଛି । ତା' ଅଭିମାନ କିପରି ଦୂର କରିବି କିଛି ଉପାୟ ବତାଇବେ କି ସାଥୀ ?

*–ବିଶ୍ୱାସ, କଟକ*

**ଉତ୍ତର:**ପ୍ରେମରେ ମାନ, ଅଭିମାନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଯଦି ଏହାକୁ ପ୍ରେମରୁ ହଟାଇ ଦେବେ ତେବେ ତାହାର ଚାର୍ମ କେତେକାଂଶରେ କମିଯିବ । ପ୍ରିୟାର ଅଭିମାନ ଭସା ବାଦଲ ପରି । ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ । ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ନିଅନ୍ତୁ ନାହିଁ । ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ । ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ–**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି । ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା । ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି । ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ବିବେକ କୁମାର ସାହୁ, ଜଗତସିଂହପୁର*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା । ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ । କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ । ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ । ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ ।



# ବାଉଁଶ ଦେଇଛି ପରିଚୟ

**ବା**ଉଁଶକୁ କେହିକେହି କୁହନ୍ତି ସବୁଜ ସ୍ୱର୍ଣ୍ଣ। ବାଉଁଶ ହସ୍ତଶିଳ୍ପ ଓଡ଼ିଶାର କଳାକାରମାନଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ସେମିତି ଜଣେ ବାଉଁଶ ଶିଳ୍ପୀ ହେଲେ **ଶ୍ରୀକାନ୍ତ କୁମାର ଜେନା**। ସେ ବାଉଁଶରେ ବିଭିନ୍ନ ଘର ଉପକରଣ, ସୌଖୀନ ଘର ସାଜସଜ୍ଜା ସହିତ ଇକୋ ଫ୍ରେଣ୍ଡଲୀ ବାଉଁଶ ତିଆରି ଘର ତିଆରି କରୁଛନ୍ତି। ଯାହା ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ କୁହନ୍ତି, ‘ ପିଲାଟି ଦିନରୁ ମୋର କଳା କାରିଗରି ପ୍ରତି ବହୁତ ଦୁର୍ବଳତା ରହିଥିଲା। ବିଭିନ୍ନ ସ୍ଥାନରେ ନୂଆ ନୂଆ କଳା କାରିଗରି ଦେଖିଲେ ସେଥିରେ କ’ଣ ସ୍ୱତନ୍ତ୍ରତା ରହିଛି ସେକଥା ଜାଣିବା ପାଇଁ ମୋ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହେଉଥାଏ। ଏମିତି କି ବାଉଁଶରେ ତିଆରି ବଂଶୀରେ କ’ଣ ରହସ୍ୟ ରହିଛି ସେକଥା ଖୋଜି ହେଉଥିଲି। ଭାବୁଥିଲି ବାଉଁଶରେ ଟୋକେଇ, ପାଛିଆ, କୁଲା, ଭୋଗେଇ, ଡାଲା, ତାଟି ଆଦି ବିଭିନ୍ନ ପ୍ରକାର ଘରକରଣାକୁ ବାଦ୍ ଦେଲେ ବାଉଁଶରେ ଆଉ କ’ଣ ସବୁ ସାମଗ୍ରୀ କରିହେବ। ୨୦୦୮ ମସିହାରେ ମୁଁ ଭୁବନେଶ୍ୱରରେ ରହି ପାଠ ପଢୁଥିଲି। ସେହି ସମୟରେ ଏକ ହସ୍ତଶିଳ୍ପ ମେଳା ବୁଲିବାକୁ ଯାଇଥିଲି। ସେଠାରେ ପଡ଼ିଥିବା ବାଉଁଶର ସୁନ୍ଦର ସୁନ୍ଦର ହସ୍ତଶିଳ୍ପକୁ ଦେଖି ବହୁତ ଖୁସି ହୋଇଯାଇଥିଲି। ତା’ ପରେ ଗାଁକୁ ଫେରି ପଡ଼ୋଶୀଙ୍କ ବାଡ଼ିରେ ଥିବା ବାଉଁଶ ବୁଦାରୁ କେତୋଟି ବାଉଁଶକୁ ହାଣି ଆଣି କିଛି ହସ୍ତଶିଳ୍ପ କରିବା ପାଇଁ ମନ ବଳାଇଥିଲି। ହେଲେ କାମ ସମ୍ପୂର୍ଣ୍ଣ ହେଇପାରିଲା ନାହିଁ। ମୁଁ ଭୁବନେଶ୍ୱର ପଳାଇଆସିଲି। ତା’ପରେ ପାଠପଢାରେ ମନଦେଲି। ଏହା ଭିତରେ ମୋର ବି.କମ୍ ପଢା ସରିଲା। ଏକ ଘରୋଇ ସଂସ୍ଥାରେ ଚାକିରି ପାଇଁ ବେଙ୍ଗାଲୁରୁ ଯାଇ ସେଠାରେ ପ୍ରାୟ ୫ମାସ ରହିଲି। ଏଥିରେ ମୋତେ ସବୁବେଳେ ବାନ୍ଧି ହୋଇ ରହିବାକୁ ପଡୁଥିବାରୁ କମ୍ପାନୀ କାମରେ ମନ ଲାଗିଲା ନାହିଁ। ପର ଅଧୀନରେ ନ ରହି ନିଜେ ରୋଜଗାର କରିବା ସହିତ ଅନ୍ୟମାନଙ୍କୁ ରୋଜଗାରର ପନ୍ଥା ଦେବାପାଇଁ ଦୃଢ ନିଷ୍ପତ୍ତି ନେଲି। ସ୍ୱାଧୀନ ଭାବେ କିପରି ସ୍ୱାବଲମ୍ବୀ ହୋଇପାରିବି ସେ ଚିନ୍ତା ଘାରିଲା। ସେଥିପାଇଁ ଗାଁକୁ ଫେରିଆସିଲି। ଭୁବନେଶ୍ୱର ଆସି ରାଜ୍ୟ ବାମ୍ବୋ ଡେଭଲପମେଣ୍ଟ ଅଥରିଟିଙ୍କ ନିକଟକୁ ଯାଇ ବାଉଁଶ ହସ୍ତଶିଳ୍ପ ସମ୍ପର୍କରେ କିଛି ତାଲିମ ପାଇଁ ବୁଝିଥିଲି। କିନ୍ତୁ ସେଠାରୁ ନିରାଶ ହେଲି। ପୁଣି ଗଣ୍ଡମୁଣ୍ଡାଠାରେ ଥିବା ‘ସିଡାକ’କୁ ଯାଇ ବାଉଁଶ ହସ୍ତଶିଳ୍ପ ସମ୍ପର୍କରେ ତାଲିମ ନେବାକୁ କହିଲି। ସେମାନେ ମନାକରିଦେଲେ। ତା’ପରେ ହସ୍ତଶିଳ୍ପ ମେଳାରୁ ସଂଗ୍ରହ କରିଥିବା କେତେଜଣ ବାଉଁଶ କାରିଗରଙ୍କ ଠିକଣା ବୁଝି କୋରାପୁଟ, ବାରିପଦା, ପାରାଦୀପ, ଯାଜପୁର ଆଦି କେତେକ ସ୍ଥାନକୁ ଯାଇ ସେଠାରେ ରହୁଥିବା ବାଉଁଶ ହସ୍ତଶିଳ୍ପୀଙ୍କ ସହିତ ଭେଟ ହୋଇ ସେମାନଙ୍କ ଦ୍ୱାରା ତିଆରି ହେଉଥିବା ବାଉଁଶ ହସ୍ତକଳାକୃତିକୁ ବ୍ୟବସାୟ କରିବା ପାଇଁ ଆଗ୍ରହୀ ହେଲି। ହେଲେ ଏଥିରେ ବିଫଳ ହେଲି। ତା’ ପରେ ନିଜେ କିପରି ଜଣେ ସଫଳ ବାଉଁଶହସ୍ତଶିଳ୍ପୀ ହେବି ନିଷ୍ପତ୍ତି ନେଲି। ସେଥିପାଇଁ ଗୁଗୁଲ୍ ସର୍ଚ୍ଚ କରି ଜାଣିବାକୁ ପାଇଲି ଯେ ଆସାମରେ ବାଉଁଶ ୱାର୍କ ଅଛି। ସେଠାକୁ ଗଲି। ସେଠାରୁ ଗୁଆହାଟୀରେ ଜଣେ ଖଡ଼ଗପୁର ଆଇଆଇଟିରେ ପଢିଥିବା ଜଣେ ବ୍ୟକ୍ତିଙ୍କ ସହ ଭେଟ ହେଲି। ସେ ବାଉଁଶ ହସ୍ତଶିଳ୍ପକୁ ନେଇ ଭଲ ବ୍ୟବସାୟ କରୁଥିଲେ। ସେଠାରୁ ପ୍ରେରଣା ମିଳିଲା। ତା’ପରେ ଆସାମର ତେଜପୁର ଯାଇଥିଲି। ସେଠାକାର ଜଣେ ଫରେଷ୍ଟ ଅଫିସର ମୋର ବାଉଁଶ ଶିଳ୍ପ ପ୍ରତି ରହିଥିବା ଆଗ୍ରହ ଏବଂ ଓଡ଼ିଶାରୁ ଯାଇଥିବାରୁ ବହୁତ ସାହାଯ୍ୟ ସହଯୋଗ କରି ସେଠାରେ କେତେଜଣ ବାଉଁଶ ହସ୍ତଶିଳ୍ପ କାରିଗରଙ୍କ ସହ ଭେଟ କରାଇଥିଲେ। ତାଙ୍କର ପ୍ରୋତ୍ସାହନରେ ସେଠାରେ ପ୍ରାୟ ୨୧ଦିନ ରହିଲି। କିନ୍ତୁ ୭/୮ ଦିନ ମଧ୍ୟରେ ତେଜପୁରଠାରେ ଥିବା ଗୁରୁ ସଚିନ ନାଥଙ୍କ ନିକଟରୁ ବାଉଁଶର ଫର୍ନିଚରର ଫିଟିଙ୍ଗ, ବେତ ଗୁଡ଼ାଇବା ଆଦି କେତେକ କାମ ଶିଖିଲି। ବାଉଁଶରେ ସୁନ୍ଦର ସୁନ୍ଦର ଘର ବା ଅତିଥିମାନଙ୍କ ଲାଗି କଟେଜ ତିଆରି କରିବା ଶିଖିଲି। ଏଥିପାଇଁ କେଉଁ ପ୍ରକାର ବାଉଁଶ ଆବଶ୍ୟକ ପଡ଼େ ସେଥିପ୍ରତି ଧ୍ୟାନ ଦେଲି। ସେଠାରେ ରହୁଥିବାବେଳେ ସେମାନଙ୍କ ଆତିଥ୍ୟ ସବୁବେଳେ ମନେରହିବ। ସେମାନଙ୍କ ଉତ୍ତମ ବ୍ୟବହାର ମୋତେ ବହୁତ ଉତ୍ସାହିତ କରୁଥିଲା। ସେଠାରୁ ଫେରିଲା ପରେ ଗାଁରେ ହୃଦାନନ୍ଦ ନାୟକ ତାଙ୍କ ଜାଗାରେ ମୋତେ ଏକ ବାଉଁଶ ଫର୍ନିଚର ସଂସ୍ଥା ପାଇଁ ଆଗ୍ରହ ପ୍ରକାଶ କରି ତାଙ୍କ ବାଡ଼ିରୁ କେତେକ ବାଉଁଶ ଯୋଗାଇ ଦେଇଥିଲେ। ସୁଶାନ୍ତ ସ୍ୱାଇଁ, ସୁଶାନ୍ତ ବେହେରା ଓ ପରିକ୍ଷିତ ଭୂୟାଁ ଆଦି ସାଙ୍ଗମାନେ ମୋତେ ଆର୍ଥିକ ସାହାଯ୍ୟ କରିଥିଲେ। ପ୍ରଥମେ କଲ୍ୟାଣୀପୁରଠାରେ ମୁଁ ନିଜେ ବାଉଁଶ ହସ୍ତଶିଳ୍ପର ଏକ ସଂସ୍ଥା ଗଢିଲି। କିଛିଦିନ ପରେ ଦୁଇ ଜଣ ସାଙ୍ଗଙ୍କୁ ଏଠାରେ ତାଲିମ ଦେଲି। ସେମାନେ ମୋ ସହିତ ରହିଛନ୍ତି। ଏହାପରେ ଭଦ୍ରକ ଜିଲାର ମାଧବନଗର ଅନ୍ତର୍ଗତ ମୋ ଗାଁ ମଣିସାହିଠାରେ ଏକ ବାଉଁଶ ହସ୍ତଶିଳ୍ପ କେନ୍ଦ୍ର ଗଢିଛି। ବାଉଁଶର ଫର୍ନିଚର, ବାଉଁଶ କଟେଜ, ହସ୍ତଶିଳ୍ପ ଆଦି ନାନା କାମ ହେଉଛି। ଏବେ ମୋ ସହିତ ପ୍ରାୟ ୫/୬ଜଣ ହସ୍ତଶିଳ୍ପୀ ରହିଛନ୍ତି। ସେମାନେ ଏହି କାମରୁ ମାସିକ ପ୍ରାୟ ୨୫ ହଜାରରୁ ଅଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଏବେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ କେତେଜଣଙ୍କୁ ରୋଜଗାର ପନ୍ଥା ଦେଇପାରିଥିବାରୁ ଆତ୍ମସନ୍ତୋଷ ପାଉଛି।












## ହାଃ ହାଃ

### ଯୁଇ

ସ୍ତ୍ରୀର ଯୁଇ ଜଳି ସାରିବା ପରେ ବି ସ୍ୱାମୀ ଘରକୁ ନ ଫେରି ସେଠି ବସି ବିଞ୍ଚଣାରେ ବିଞ୍ଚୁଥାଏ । ରାଜୁ ତାହା ଦେଖି ଭାବ ବିହ୍ୱଳ ହୋଇ: ଭାଇ, ସତରେ ତୁମ ଭଲ ପାଇବାକୁ ସଲାମ୍ । ଯୁଇ ଜଳି ସରିଲାଣି । ସମସ୍ତେ ପଳେଇଲେଣି । ହେଲେ ଏବେ ବି ତମେ ଏଠି ବସି ସ୍ତ୍ରୀଙ୍କୁ ବିଞ୍ଚୁଛ ?

ସ୍ୱାମୀ: କେମିତି ନ ବିଞ୍ଚିବି ? ମୋ ସ୍ତ୍ରୀ କହିଥିଲା ମୋ ଯୁଇ ଥଣ୍ଡା ନ ହେବା ଯାଏ ତୁମେ ଦ୍ୱିତୀୟ ବିବାହ କରିପାରିବ ନାହିଁ । ସେଥିପାଇଁ ବସି ବିଞ୍ଚୁଛି ।

### ପବନ

ଶିକ୍ଷକ ପବନକୁ: ତୁ କ୍ଲାସ୍‌ରେ ଏତେ ଜୋର୍‌ରେ ପାଟି କାହିଁକି କରୁଛୁ ?

ପବନ: ସାର୍, କାହିଁକି ନା ଏଇଟା ଶ୍ରାବଣ ମାସ ।

ଶିକ୍ଷକ: ମାନେ ?

ପବନ: ଆପଣ ଶୁଣି ନାହାନ୍ତି କି ଏଇ ଗୀତ– ସାବନ୍ କା ମହିନା ପବନ କରେ ସୋର୍... ।

### ଦୃଷ୍ଟିଶକ୍ତି

ଶିକ୍ଷକ: କହିଲ ପିଲେ ମଣିଷର ନା ପକ୍ଷୀଙ୍କର, କାହାର ଦୃଷ୍ଟିଶକ୍ତି ତୀକ୍ଷ୍ଣ ?

ମଣ୍ଟୁ: ସାର୍ ପକ୍ଷୀର ।

ଶିକ୍ଷକ: କେମିତି ?

ମଣ୍ଟୁ: ସାର୍, ମୁଁ ତ କେବେ ବି ପକ୍ଷୀ ଚଷମା ପିନ୍ଧିବାର ଦେଖିନି । ସେଥିପାଇଁ....

### ଗିଫ୍ଟ

ମା': ଯିଏ ମୋର ସବୁ କଥା ଶୁଣିବ, ଓଲଟା ଜବାବ ଦେବ ନାହିଁ ମୁଁ ତାକୁ ଗୋଟେ ଭଲ ଗିଫ୍ଟ ଦେବି ।

ଚିଣ୍ଟୁ: ନା ନା.. ଏଇଟା ଠିକ୍ କଥା ନୁହଁ । ଏଭଳି ସର୍ତ୍ତରେ ତ ବାପା ଜିତିଯିବେ । ଆଉ ତାଙ୍କୁ ହିଁ ଗିଫ୍ଟ ମିଳିବ ।



# ରଣପୁର ରାଜବାଟୀ



ଓଡ଼ିଶାର ଏକ ପୁରାତନ ଗଡ଼ଜାତ ଅଞ୍ଚଳ ରଣପୁର । ବର୍ତ୍ତମାନ ଏହା ନୟାଗଡ଼ ଜିଲାରେ ଅବସ୍ଥିତ । ରଣପୁର ଇତିହାସ ଓ କିମ୍ବଦନ୍ତୀରୁ ଜଣାପଡ଼େ– ରଣାସୁର ନାମରେ ଜଣେ ପ୍ରତାପୀ ଅସୁର ଥିଲା । ଲଡୁବାବା ତା'ର ଆରାଧ୍ୟ ଦେବତା ଥିଲେ । ରଣାସୁରର ବାସସ୍ଥଳୀକୁ ରଣାସୁରପୁର କୁହାଗଲା । ରଣାସୁରଙ୍କ ନିପାତ ପରେ ଖ୍ରୀଷ୍ଟପୂର୍ବ ୧୭୨୭ରେ ରଣପୁରରେ ପ୍ରଥମେ ବିଶ୍ୱାବସୁଙ୍କ ଭାଇ ବିଶ୍ୱାବାସବ ରାଜତ୍ୱ କଲେ । ସେ ନୀଳମାଧବଙ୍କ ଚକାଶିଳାକୁ ଆଣି ରଣପୁରର ମଣିନାଗ ପର୍ବତ ଉପରେ ସ୍ଥାପନ କରି ପୂଜାର୍ଚ୍ଚନା କଲେ । ସେହି ପର୍ବତର ପୂର୍ବ ପାର୍ଶ୍ୱରେ ସେ ଏକ ଗ୍ରାମ ବସାଇଥିଲେ । ରଣପୁର ରାଜାଙ୍କ ବଂଶଧର କ୍ରମଶଃ ରାଜତ୍ୱ କଲେ । ସେମାନଙ୍କ ମଧ୍ୟରୁ ରାଜା ଗଦାଧର ସିଂହ ୪୯ବର୍ଷ ରାଜତ୍ୱ କରିଥିଲେ । ସେ ବିହାରର ଧଳଭୂମିର ରାଜସୁତା ପ୍ରଭାବତୀ ଦେବୀଙ୍କୁ ବିବାହକରି ରଣପୁର ଗମନ କରୁଥିଲେ । କପିଶା ନଦୀ କୂଳରେ ଶୁଣିବାକୁ ପାଇଲେ ବଙ୍ଗଦେଶର ପଠାଣ ସେନା ଉତ୍କଳ ଆକ୍ରମଣ କରିବାକୁ ମସୁଧା କରୁଛି । ଏହି ଖବର ଶୁଣି ସେ ରାଣୀଙ୍କୁ ସୈନ୍ୟଙ୍କ ହେପାଜତରେ ଛାଡ଼ି ଉତ୍କଳର ମହାରାଜାଙ୍କୁ ଜଣାଇବା ପାଇଁ ଏକାକୀ ଅଶ୍ୱପୃଷ୍ଠରେ ବାରବାଟୀ ଦୁର୍ଗ ଅଭିମୁଖେ ଯାତ୍ରା କଲେ । ଏପଟେ ଯୁବରାଣୀ ପ୍ରଭାବତୀ ସ୍ୱାମୀଙ୍କ ଅପେକ୍ଷାରେ ଥାନ୍ତି । ଯୁବରାଜ ନ ଫେରିବାରୁ ସେ ବୀରପୁରୁଷ ରୂପେ ଛଦ୍ମବେଶରେ ଯୁଦ୍ଧକୁ ବାହାରି ପଡ଼ିଥିଲେ । ସମୟକ୍ରମେ ସେହି ବଂଶର ରାଜା ଉଦ୍ଧବ ନରେନ୍ଦ୍ର ସିଂଦେଓ ୧୫୦୧ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ଆଉ ଜଣେ ରାଜା ପୁରୁଣା ରାଜବାଟୀ ଛାଡ଼ି ୧୬୯୭ରେ ରଣପୁର ଶ୍ରୀଜଗନାଥଙ୍କ ମନ୍ଦିର ନିକଟରେ ଏକ ନୂତନ ରାଜବାଟୀ ନିର୍ମାଣ କରିଥିଲେ । ଏହି ରାଜବାଟୀରେ ରାଜାଙ୍କ ମହଲ ସହିତ ରାଣୀ ମହଲ ଓ ମନ୍ତ୍ରୀଙ୍କ ମହଲ ନିର୍ମାଣ ହୋଇଥିଲା । ରାଜା ମଣିନାଗ ପର୍ବତର ଶିଖରରେ ମଣିନାଗ ଦୁର୍ଗାଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ପୂର୍ବରୁ ସେଠାରେ ଏକ ମଣ୍ଡପ ଥିଲା । ସେହି ମଣ୍ଡପର ଚକାଶିଳା ଉପରେ ଦୁର୍ଗା ଦେବୀଙ୍କୁ ପୂଜା କରାଯାଉଥିଲା । ରାଜା ଉଦ୍ଧବ ନରେନ୍ଦ୍ର ପୁରୀ ଶ୍ରୀମନ୍ଦିରର ସମସ୍ତ ପୂଜାବିଧି ସହ ସାମଞ୍ଜସ୍ୟ ରଖି ଏଠାକାର ଜଗନ୍ନାଥ ମନ୍ଦିରରେ ପୂଜାବିଧି ମାନ କରାଉଥିଲେ । ଶ୍ରୀ ଜଗନ୍ନାଥଙ୍କ ପାଇଁ ଅନୁଷ୍ଠିତ ବର୍ଷକ ବାର ଯାତ ଏଠାରେ ପାଳିତ ହୋଇଥାଏ । କିମ୍ବଦନ୍ତୀ ଅଛି ଯେ ମା'ମହାଲକ୍ଷ୍ମୀ ରାଜାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ରଣପୁର ଆଗମନ କରିବେ ବୋଲି ଆଦେଶ ଦେଲେ । ଏହାପରେ ରଣପୁର ଜଗନ୍ନାଥଙ୍କ ମନ୍ଦିରରେ ମହାଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ମା'ମହାଲକ୍ଷ୍ମୀ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିଥିଲେ । ପ୍ରତିବର୍ଷ ମାଘ ପୂର୍ଣ୍ଣିମା ରାତ୍ରିକୁ ଏକ କ୍ଷୁଦ୍ର ସୁବର୍ଣ୍ଣ ଶଗଡ଼ରେ ସାତଗୋଟି ସ୍ୱର୍ଣ୍ଣ ନିର୍ମିତ କାକରା ପିଠା ରାଜାଙ୍କ ନଅରକୁ ଆସିବ । ରାଜପରିବାର ପ୍ରତିବର୍ଷ ମାଘ ପୂର୍ଣ୍ଣିମା ଦିନ ଅତି ନିଷ୍ଠାର ସହ ଧନଦାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କ ଆରାଧନା କରି ସୁବର୍ଣ୍ଣ କାକରାକୁ ଗ୍ରହଣ କରିଥାନ୍ତି । ଏହି ବିଧି ରାଜା ଉଦ୍ଧବ ନରେନ୍ଦ୍ରଙ୍କ ପରେ ରାଜା ଚନ୍ଦ୍ର ଶେଖର ନରେନ୍ଦ୍ର, ମୁକୁନ୍ଦ ନରେନ୍ଦ୍ର ଓ ରାମଚନ୍ଦ୍ର ନରେନ୍ଦ୍ରଙ୍କ ପର୍ଯ୍ୟନ୍ତ ପାଳନ କରାଯାଉଥିଲା । କିନ୍ତୁ ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ସମୟରେ ଦେବୀଙ୍କ ପୂଜାବିଧିରେ ସୁବର୍ଣ୍ଣ କାକରା ପ୍ରାପ୍ତ ବନ୍ଦ ହୋଇଥିବା ରାଜବଂଶ ଇତିହାସରୁ ଜଣାପଡ଼େ । ଏଠାରେ ମା' ଖିଲାମୁଣ୍ଡାଙ୍କ ପର୍ବ ପ୍ରତିବର୍ଷ ପାଳନ ହୋଇଥାଏ । ରଣପୁର ରାଜା ବେଣୁଧର ଚନ୍ଦ୍ର ସିଂଦେଓଙ୍କ ପୁତ୍ର କୃଷ୍ଣଚନ୍ଦ୍ର ସିଂଦେଓ ବୀରବର ବ୍ରଜଧର ନରେନ୍ଦ୍ର ମହାପାତ୍ରଙ୍କ ୧୮୯୯ରୁ ୧୯୪୫ ମଧ୍ୟରେ ବେଜଲଗେଟ ମର୍ଡର, ପ୍ରଜାମେଳି, ରଘୁ ଦିବାକରଙ୍କ ଫାଶୀ ଘଟଣା ଚର୍ଚ୍ଚା ହୋଇଥିଲା । ରାଜା କୃଷ୍ଣଚନ୍ଦ୍ରଙ୍କ ଦେହାନ୍ତ ପରେ ପୁଅ ବିରଞ୍ଚି ନାରାୟଣ ସିଂଦେଓ ହୋଇଥିଲେ ରଣପୁର ରାଜା । ମାତ୍ର ତାଙ୍କ ମୃତ୍ୟୁ ପରେ ରାଣୀ ବସନ୍ତ ମଞ୍ଜରୀ ଦେବୀ ଶାସନଭାର ସମ୍ଭାଳିଥିଲେ । ରାଣୀ ସ୍ୱାସ୍ଥ୍ୟ ମନ୍ତ୍ରୀ ଥିଲାବେଳେ ୧୯୫୮ମସିହା ଫେବୃଆରୀ ୨୭ରେ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ନୟାଗଡ଼ ଜିଲା ଅଧୀନ ଚାନ୍ଦପୁରଠାରେ ଓଡ଼ିଶାର ପ୍ରଥମ ସର୍ବବୃହତ ଯକ୍ଷ୍ମା ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଥିଲା । ଏହା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟନିବାସ ଭାବେ ପରିଚିତ ହେଲା । କିନ୍ତୁ ରାଣୀ ବସନ୍ତ ମଞ୍ଜରୀଙ୍କ ପରେ ତାଙ୍କ ପୁଅ ବ୍ରଜେନ୍ଦ୍ର ଚନ୍ଦ୍ର ସିଂଦେଓ ବୀରବର ବ୍ରଜଧର ନରେନ୍ଦ୍ର ମହାପାତ୍ର ରାଜସିଂହାସନର ଉତ୍ତରାଧିକାରୀ ହୋଇଥିଲେ । ତାଙ୍କ ପରେ ରାଜା ପ୍ରଦୀପଚନ୍ଦ୍ର ସିଂଦେଓ ଏବଂ ଏବେ ରାଜା ଦିଲୀପ ଚନ୍ଦ୍ର ସିଂଦେଓ ଅଛନ୍ତି । ରଣପୁରଗଡ଼ରେ ଏକାଧିକ ସାହିକୁ ରାଜା ବସାଇଛନ୍ତି । ଏକାଧିକ ମନ୍ଦିର ପ୍ରତିଷ୍ଠା କରାଇବା ସହିତ ସାଗର ପୋଖରୀ ସମେତ ଏକାଧିକ ପୋଖରୀ ଖନନ କରାଇଛନ୍ତି । ଅତୀତରେ ଏହି ଗଡ଼ ଅଧୀନରେ ଦକ୍ଷିଣରେ ବୋଇତିପାହାଡ଼, ପୂର୍ବରେ କଣ୍ଟାଇ ନାଳ ଓ ଚମ୍ପାଇଭୂଇଁ ପର୍ବତ, ପଶ୍ଚିମରେ କୁସୁମୀ ନଦୀ ଓ ଉତ୍ତରରେ ମହାନଦୀ ଥିଲା । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କିଛିବର୍ଷ ତଳୁ ରାଣୀ ମହଲ ଭୁଶୁଡ଼ିଯାଇଛି । ରଣପୁର ରାଜବାଟୀର ଐତିହ୍ୟ, କଳାସଂସ୍କୃତି ରାଜରାଜୁଡ଼ା ସମୟର କୀର୍ତ୍ତି ବହନ କରୁଛି । ତେବେ ଏହି ଗଡ଼ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

ଉପସ୍ଥାପନା: **ବନବିହାରୀ ବେହେରା**

ତଥ୍ୟ ସହାୟତା: ସତ୍ୟବାଦୀ ବଳିୟାର ସିଂହ,

ଫଟୋ: ସୁକାନ୍ତ ଡାକୁଆ








# ସୱାଇ ମାଧୋପୁର

**ରାଜସ୍ଥାନର ଏକ ଐତିହାସିକ ସହର ହେଉଛି ସୱାଇ ମାଧୋପୁର। ଏଠାକାର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ଖୁବ୍ ପ୍ରସିଦ୍ଧ। ପର୍ଯ୍ୟଟକ ଏଠାରେ ବହୁ ଐତିହାସିକ ତୀର୍ଥସ୍ଥଳୀମାନ ବୁଲି ଦେଖିବା ସହ ଏଠାକାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ପାଇପାରିବେ...**

ସୱାଇ ମାଧୋପୁର, ଏକ ଐତିହାସିକ ସହର ; ଯାହାକି ରାଜସ୍ଥାନରେ ଅବସ୍ଥିତ। ଏହି ସହରର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ବେଶ୍ ସମୃଦ୍ଧ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ସହରକୁ ୧୭୬୩ ମସିହାରେ ଆମେର୍‌ର ମହାରାଜା ସୱାଇ ମାଧୋ ସିଂହ ପ୍ରଥମ ପ୍ରତିଷ୍ଠା କରିଥିଲେ। ଆଉ ତାଙ୍କରି ନାମାନୁସାରେ ଏହି ସହରର ନାମ ରଖାଗଲା ସୱାଇ ମାଧୋପୁର। ସେବେଠାରୁ ପ୍ରତିବର୍ଷ ଜାନୁଆରୀ ୧୯ ତାରିଖରେ ଏହି ସହରର ପ୍ରତିଷ୍ଠା ଦିବସକୁ ଏଠାରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଅଛି।

## ଦର୍ଶନୀୟ ସ୍ଥାନ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ସୱାଇ ମାଧୋପୁର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ରହିଛି ଅନେକ ଐତିହାସିକ ପୀଠ ତଥା ଆଧାତ୍ମିକସ୍ଥଳୀ। ତନ୍ମଧ୍ୟରୁ ରନ୍ଥାମ୍ବୋର ଜାତୀୟ ଉଦ୍ୟାନ, ରନ୍ଥାମ୍ବୋର ଦୁର୍ଗ, ଚଉଠ ମାତା ମନ୍ଦିର, ରାଜୀବ ଗାନ୍ଧୀ ରିଜିଓନାଲ୍ ମ୍ୟୁଜିୟମ୍ ଅଫ୍ ନାଚୁରାଲ୍ ହିଷ୍ଟ୍ରୀ, ଚମତ୍କାର ଜୀ ଜୈନ ମନ୍ଦିର, ଶିଳ୍ପଗ୍ରାମ, କଳା-ଗୋରା ଭୈରବ ମନ୍ଦିର, ଗଲ୍‌ତା ଜୀ ମନ୍ଦିର, ସୀତା ମାତା ମନ୍ଦିର, ଅମରେଶ୍ୱର ମହାଦେବ ମନ୍ଦିର ଇତ୍ୟାଦି ଅନ୍ୟତମ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏହି ସହରର ବିଭିନ୍ନ ଗଳିକନ୍ଦିକୁ ବୁଲିଯାଇ ସ୍ଥାନୀୟ ଅଞ୍ଚଳବାସୀଙ୍କର ଚାଲିଚଳନ, ଆଚାର, ବ୍ୟବହାର, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମଧ୍ୟ ବହୁ ତଥ୍ୟ ସଂଗ୍ରହ କରିପାରିବେ।



## ଅର୍ଥନୀତି

ଏହି ସହରର ଅର୍ଥନୀତି ମୁଖ୍ୟତଃ କୃଷି, ହସ୍ତ କାରିଗରି, ପର୍ଯ୍ୟଟନ ତଥା ଅତିଥି ସତ୍କାର କ୍ଷେତ୍ର ଉପରେ ନିର୍ଭର କରିଥାଏ। ସୂଚନା ରହିଛି ଯେ, ଏଠାରେ କୁଆଡ଼େ ଭଲ ପିଜୁଳି ଚାଷ ହୋଇଥାଏ। ପୋସ୍ତ ବି ଏଠାରେ ଭଲ ମିଳେ। ତା'ଛଡ଼ା ସ୍ଥାନୀୟ ଲୋକେ ଖୁବ୍ ସୁନ୍ଦର ସୁନ୍ଦର ହସ୍ତକଳା ସାମଗ୍ରୀ ତିଆରି କରିବାରେ ଓସ୍ତାଦ। ଖାସ୍ କରି ଏଠାକାର କାଠ କଣ୍ଢେଇ ଖୁବ୍ ଆକର୍ଷଣୀୟ ଲାଗିଥାଏ। ପର୍ଯ୍ୟଟକ ଚାହିଁଲେ ଏହିସବୁ ଜିନିଷ ବେଶ୍ ସୁଭଲ ଦରରେ ଏଠାରୁ କିଣିପାରିବେ।

## ଉତ୍ସବ


ପ୍ରତିବର୍ଷ ଜାନୁଆରୀ ୧୯ ତାରିଖରେ ସୱାଇ ମାଧୋପୁରର ପ୍ରତିଷ୍ଠା ଦିବସ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଗଣେଶ ଚତୁର୍ଥୀ, ଦଶହରା ବି ହେଉଛି ଏଠାକାର ଦୁଇ ପ୍ରମୁଖ ପର୍ବ। ସେହିପରି ପ୍ରତିବର୍ଷ ଜାନୁଆରୀ ମାସରେ ସ୍ଥାନୀୟ ଚଉଠ ମାତା ମନ୍ଦିର ତରଫରୁ ଏକ ବଡ଼ ମେଳାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତଗଣ ଏଠାକୁ ଧାଇଁ ଆସିଥାନ୍ତି।

## ଖାଦ୍ୟପେୟ

ଏଠାକାର ଲୋକେ ମୁଖ୍ୟତଃ ଡାଲ୍ ବାଟି ଚୁର୍‌ମା, ଗଟ୍ଟେ କି ସବ୍‌ଜୀ, ବାଜ୍‌ରେ କି ରୋଟି, ଡାଲ୍ ବଡେ ଆଦି ଖାଇବାକୁ ପସନ୍ଦ କରିଥାନ୍ତି। ମିଠାରେ ଖରଭୁଜା ଲଡୁ ଖାଇବା ଏମାନଙ୍କର ଖୁବ୍ ପସନ୍ଦ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ଏହିସବୁ ଖାଦ୍ୟ ଏଠାରେ ଖାଇପାରିବେ। ନଚେତ୍ ବିଭିନ୍ନ ରେଷ୍ଟୁରାଣ୍ଟ, ଢାବା ଆଦିକୁ ଯାଇ ନିଜ ମନ ପସନ୍ଦର ଯେ କୌଣସି ଖାଦ୍ୟ ବି ଖାଇପାରିବେ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ଗଣେଶ ପୂଜା, ଦଶହରା ତଥା ସହରର ପ୍ରତିଷ୍ଠା ଦିବସ ସମୟରେ ଏଠାକୁ ବୁଲିଗଲେ କିଛିଟା ନିଆରା ଅନଭୂତି ସାଉଁଟିବାର ସୁଯୋଗ ପାଇପାରିବେ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଜୟପୁର ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟ ଏଠାକାର ନିକଟତମ ମୁଖ୍ୟ ବିମାନବନ୍ଦର ହୋଇଥିବାବେଳେ ସୱାଇ ମାଧୋପୁର ଜଙ୍କଶନ୍ ରେଲ୍‌ୱେ ଷ୍ଟେଶନ ହେଉଛି ଏହି ସହରର ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ଯୋଗେ ମଧ୍ୟ ଏଠାକୁ ବୁଲି ଯାଇପାରିବେ।



# ମଣିଷ ତ୍ୱଚା ପରି ଫୋନ୍ କଭର

ଫୋନ୍ କଭର୍ ବିଭିନ୍ନ ଡିଜାଇନ୍‌ର ଆସେ । ଲୋକେ ନିଜ ପସନ୍ଦର କଭର୍ ବାଛିଥାନ୍ତି । ତେବେ ଜାଣନ୍ତି କି ଏବେ ଏକ ଅଜବ ଫୋନ୍ କଭର୍ ଆସିଛି । ଯାହାକି ଦେଖିବାକୁ ମଣିଷର ତ୍ୱଚା ଭଳି । ଏହା କେବଳ ଦେଖିବାକୁ ତ୍ୱଚା ଭଳି ନୁହେଁ ଏହାକୁ ଛୁଇଁଲେ ବି କାହାରି ହାତକୁ ଛୁଇଁବା ଭଳି ମନେ ହେବ । ଏହାର ନାଁ ହେଉଛି 'ସ୍କିନ୍‌କେସ୍' । ଫ୍ରାନ୍ସର ବିଶେଷଜ୍ଞ ମାର୍କ ଟେସିୟର୍ ଏହାକୁ ଡିଜାଇନ୍ କରିଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ଫୋନ୍ କଭର୍ କେବଳ ଯେ ମଣିଷର ତ୍ୱଚାପରି ଦେଖାଯାଏ ତାହା ନୁହେଁ ସୂର୍ଯ୍ୟ କିରଣରେ ବେଶି ସମୟ ରହିଲେ ଅତି ବାଇଗଣୀ ରଶ୍ମିର ପ୍ରଭାବରେ ଏଥିରେ ସନବର୍ନ ବି ହୁଏ । ଟେସିୟର



କୁହନ୍ତି, 'ମୋ କାମ ହେଉଛି ଡିଜିଟାଲ ଜୀବନ ଓ ଶାରୀରିକ ସ୍ୱାସ୍ଥ୍ୟ ମଝିରେ ଥିବା ଗ୍ୟାପ୍‌କୁ ପୂରଣ କରିବା ।  ସ୍କିନକେସ୍ ଏହାର ଏକ ଉଦାହରଣ । ଏହାର ଟେକ୍ନୋଲୋଜି ବି ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ସତର୍କତା ସୃଷ୍ଟି କରିଥାଏ ।  ଅର୍ଥାତ୍ ଏହି ସ୍କିନ୍‌କେସ୍ ଯେତେବେଳେ ସୂର୍ଯ୍ୟାଲୋକ ଯୋଗୁ ସନବର୍ନ ହୁଏ ତାହା ଆପଣଙ୍କୁ ସନ୍ ସ୍କ୍ରିନ ଲଗାଇବା ପାଇଁ ମନେ ପକାଇ ଦେବ । ମଣିଷ ଆଜିକାଲି ଯେତେଥର ଫୋନ୍ ଦେଖୁଛି ସେତିକି ନିଜ ଶରୀର ପ୍ରତି ଧ୍ୟାନ ଦେଉ ନାହିଁ । ସନବର୍ନ ହେଉଥିଲେ ହେଁ ସନ୍‌ସ୍କ୍ରିନ୍ ଲୋସନ ଲଗାଏ ନାହିଁ । ମୋର ଏହି ଫୋନ୍ କଭର୍‌କୁ ଧରୁଥିବା ବ୍ୟକ୍ତି ଯେବେ ଦେଖିବ ସେଥିରେ ସନବର୍ନ ହେଉଛି, ସେତେବେଳେ ତା'ର ମନେପଡିଯିବ ଯେ ନିଜ ତ୍ୱଚାର ବି ଧ୍ୟାନ ନେବାକୁ ପଡ଼ିବ ।' ଏହାକୁ ତିଆରି କରିବା ଲାଗି ଥ୍ରୀଡି ପ୍ରିଣ୍ଟିଂ ସହ ହାତରେ କାରିଗରି କରାଯାଇଛି । ହାତ ତ୍ୱଚାରେ ଯେଉଁଭଳି କୁଞ୍ଚନ ଥାଏ ଏଥିରେ ବି ସେହିଭଳି ଦେଖିବାକୁ ମିଳେ । ଏହା ତିନୋଟି ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ହେଉଛି ।



# କେଚପ୍ ଦିନେ ଔଷଧଭାବେ ବିକ୍ରି ହେଉଥିଲା

**ସେ ଫ୍ରେଞ୍ଚ ଫ୍ରାଏ, ବର୍ଗର୍ ହେଉ କି ପକୁଡି । କେଚପ୍ ସହ ଏସବୁକୁ ଖାଇବାର ମଜା ଅଲଗା । ତେବେ ଜାଣନ୍ତି କି ଖାଦ୍ୟର ସ୍ୱାଦ ବଢାଉଥିବା ଏହି କେଚପ୍‌କୁ ଦିନେ ଔଷଧଭାବେ ବିକ୍ରି କରାଯାଉଥିଲା ? ସେ ସମ୍ପର୍କରେ...**

ସେ ଫ୍ରେଞ୍ଚ ଫ୍ରାଏ, ବର୍ଗର୍ ହେଉ କି ପକୁଡି । କେଚପ୍ ସହ ଏସବୁକୁ ଖାଇବାର ମଜା ଅଲଗା । ଛୋଟପିଲାଙ୍କର ତ ଏହା ବହୁତ ପ୍ରିୟ । ଅନେକେ ଖାଦ୍ୟ ତିଆରି କଲାବେଳେ ବି ଏହାକୁ ବ୍ୟବହାର କରନ୍ତି । ତେବେ ଖାଦ୍ୟର ସ୍ୱାଦ ବଢାଉଥିବା ଏହି କେଚପ୍‌ର ଇତିହାସ ବେଶ୍ ରୋଚକ ।

ସପ୍ତାଦଶ ଶତାବ୍ଦୀରୁ କେଚପ୍ ତିଆରି ଆରମ୍ଭ ହୋଇଥିବା କୁହାଯାଏ । କିନ୍ତୁ ଆରମ୍ଭରୁ ଏହା ଟମାଟୋରେ ପ୍ରସ୍ତୁତ ହେଉ ନ ଥିଲା । ଦକ୍ଷିଣ ପୂର୍ବ ଏସିଆରେ ଏହାକୁ ମାଛରେ ତିଆରି କରାଯାଉଥିଲା । ଯାହାକି ଇଣ୍ଡୋନେସିଆ ଓ ମାଲେସିୟାରେ ଲୋକପ୍ରିୟ ଥିଲା । ଏହାକୁ ଫର୍ମେଣ୍ଟେଡ ବା ଅମ୍ଳୀଭବନ କରି ରଖାଯାଉଥିଲା । ସେତେବେଳେ ଟମାଟୋକୁ ବିଷାକ୍ତ ବୋଲି ମନେ କରାଯାଉଥିଲା । ହେଲେ ଊନବିଂଶ ଶତାବ୍ଦୀରେ କେଚପ୍ ତିଆରି ପଦ୍ଧତିରେ ଟମାଟୋକୁ ବ୍ୟବହାର କରାଗଲା । ୧୮୩୪ ମସିହାରେ ଆମେରିକୀୟ ଡାକ୍ତର ଜନ୍ କୁକ୍ ବେନେଟ୍ କେଚପ୍‌ରେ ଟମାଟୋ ପକାଇବା ଆରମ୍ଭ କରିଥିଲେ । ଆଉ ଲୋକଙ୍କୁ ଅବଗତ କରାଇଲେ ଯେ, ସେ ଗବେଷଣା କରି ଜାଣିପାରିଛନ୍ତି ଟମାଟୋରେ ଅନେକ ଗମ୍ଭୀର ରୋଗକୁ ଭଲ କରିବାର ଶକ୍ତି ଅଛି ।  ହିଷ୍ଟ୍ରୀ ଅଫ୍ ୟଷ୍ଟର୍ଡେ ୱେବସାଇଟ୍‌ରୁ ବି ଜାଣିବାକୁ ମିଳେ ଯେ, ଜନ୍ ଲୋକଙ୍କୁ କହିଥିଲେ ଟମାଟୋରୁ ଡାଇରିଆ, କଲେରା, ଜଣ୍ଡିସ୍, ଇନ୍‌ଡାଇଜେସନ୍ ଭଳି ରୋଗ ଭଲ ହୋଇପାରେ । ତା'ସହ ସେ ଲୋକଙ୍କୁ ପ୍ରୋତ୍ସାହିତ କରିଥିଲେ ଟମାଟୋକୁ ପେଷ୍ଟ କରି ସେବନ କରନ୍ତୁ । ଯେଉଁଥିରୁ ସେମାନେ ଅନେକ ଉପକାର ପାଇପାରିବେ । ତାଙ୍କର ଏହି ଗବେଷଣାକୁ ଆମେରିକାର ପ୍ରମୁଖ ଖବରକାଗଜଗୁଡିକ ବିସ୍ତାରଭାବେ ପ୍ରକାଶ କରିଥିଲେ । ଏହି ସମୟରେ ଆଲେକଜାଣ୍ଡାର ମାଇଲ୍ସ ନାମକ ଜଣେ ବ୍ୟବସାୟୀ ଟମାଟୋକୁ ନେଇ ସେହି ଗବେଷଣା ପଢି ଭାବିଲେ ଏହାକୁ ନେଇ ବ୍ୟବସାୟ କରି ହେବ । ମାଇଲ୍ସ ସେ ସମୟରେ ଏକ ଔଷଧ ବିକ୍ରି କରୁଥିଲେ ଯାହା ନାଁ 'ଆମେରିକାନ ହାଇଜିନ ପିଲ୍‌ସ' ଥିଲା । ସେ ଜନ୍‌ଙ୍କ ସହ ହାତ ମିଶାଇଲେ ଓ ଟମାଟୋ କେଚ୍‌ପକୁ ଔଷଧଭାବେ ବିକ୍ରି କରିବାକୁ ଲାଗିଲେ । ଆଉ ତା'ର ନାଁ ରଖିଲେ 'ଏକ୍ସଟ୍ରାକ୍ଟ ଅଫ୍ ଟମାଟୋ' । ଏହା କ୍ୟାପ୍‌ସ ଆକାରରେ ଓ ଗୋଲିଭାବେ ବି ବିକ୍ରି ହେଲା । ଏହି ନୂଆ ଆରମ୍ଭ ଆମେରିକାରେ ହଇଚଇ ସୃଷ୍ଟି କରିଦେଲା । କେଚପ୍‌ର ବିକ୍ରି ବଢିଲା । ଆହୁରି ଅନେକ ବ୍ୟବସାୟୀ ବି କେଚପ୍‌କୁ ଔଷଧ କହି ବିକ୍ରି କରିବାକୁ ଲାଗିଲେ । କିନ୍ତୁ ପରେ ବୈଜ୍ଞାନିକମାନେ ଅଧିକ ଗବେଷଣା କରି ଜାଣିବାକୁ ପାଇଲେ ଯେ,  ଏସବୁ ମିଛ । ଏକଥା ଧୀରେ ଧୀରେ ସାରା ଆମେରିକାରେ ବ୍ୟାପିଗଲା ଓ କେଚପ୍ କିଣିବାର ପାଗଳପଣ କମିବାକୁ ଲାଗିଲା ।  ହେଲେ ଉକ୍ତ ଗବେଷଣାରୁ ଗୋଟେ କଥା ପ୍ରମାଣିତ ହେଲା ଯେ ଟମାଟୋ ବିଷାକ୍ତ ନୁହେଁ । ପରେ ଆହୁରି ଅନେକ ଗବେଷଣା ହେଲା । ଯେଉଁଥିରୁ ଜଣାପଡିଲା ଯେ, ଜନ୍‌ଙ୍କ ଗବେଷଣା ସମ୍ପୂର୍ଣ୍ଣ ଭୁଲ୍ ନ ଥିଲା । ସେ କେବଳ ଏହାକୁ ବଢାଇ ଚଢାଇ ଅଧିକ କହିଥିଲେ । ହେଲେ ଏବେ ଟମାଟୋକୁ ହୃଦ୍ ସମସ୍ୟା ଓ କ୍ୟାନ୍ସର ପାଇଁ ଉପକାରୀ ବୋଲି କୁହାଯାଉଛି । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ହେଇଞ୍ଜ ପ୍ରଥମ କମ୍ପାନୀଭାବେ କେଚପ୍‌ର ମାସ୍ ପ୍ରଡକ୍ସନ କରିବା ସହ ତାକୁ ବୋତଲରେ ଭର୍ତ୍ତି କରି ବିକ୍ରି କଲା । ଆଉ ସାରା ପୃଥିବୀର ଘରେ ଘରେ ଏହା ପରିଚିତ ହେବା ସହ ଖୁବ୍ ଲୋକପ୍ରିୟ ହେଲା ।





# ଦେବତା, ଭଗବାନ ଓ ଈଶ୍ୱର



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

(ଭାଗ-୧୨)

କାଠ ବେପାରୀଟିଏ ଜଙ୍ଗଲରୁ କାଠ କାଟି ବଜାରରେ ତାହାକୁ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥାଏ। ଏହା ଥିଲା ତା'ର ନିତିଦିନିଆ ବେଉସା। ଦିନେ କାଠ କାଟିବାକୁ ଯିବା ସମୟରେ ଜଣେ ସାଧୁଙ୍କ ସହ ତାହାର ଭେଟ ହେଲା। ଜଙ୍ଗଲ ଭିତର ଦେଇ ପାଦରେ ଚାଲି ଚାଲି ଯାଉଥିବା ସାଧୁଙ୍କୁ ନ ଚିହ୍ନିଥିଲେ ବି ସାଧୁଙ୍କ ନିକଟକୁ ଯାଇ ସେ ଭକ୍ତିଭରେ ପାଦ ଛୁଇଁ ମୁଣ୍ଡିଆଟିଏ ମାରିଲା। ସାଧୁ ଜଣଙ୍କ ବି ବେଶ୍ ଖୁସି ହୋଇଗଲେ। ନିଜ ବେଉସା ବିଷୟରେ ପୁଛା କଲେ। କାଠୁରିଆ ଜଣଙ୍କ ଗଛ କାଟି ବଞ୍ଚୁଥିବା କଥା କହିବାରୁ ସାଧୁ କହିଲେ- ଆଉ ଟିକେ ଆଗକୁ ଯାଅ। ଏତିକି କହି ସାଧୁ ଆଗକୁ ମାଡିଚାଲିଲେ।

ସାଧୁଙ୍କ ଏହି ସଂକ୍ଷିପ୍ତ ଉତ୍ତରରେ କାଠ ବ୍ୟବସାୟୀ ଜଣକ ଆଶ୍ଚର୍ଯ୍ୟ ହେଲେ। 'ଆଗକୁ ଯିବା'ର ଅର୍ଥକୁ ସେ କିଛି ବୁଝିପାରିଲେ ନାହିଁ। ତଥାପି ସାଧୁଙ୍କ କଥାର ବାହ୍ୟ ଅର୍ଥକୁ ବୁଝି ସେ ଆଗକୁ ଆଗକୁ ମାଡିଚାଲିଲେ। ଯେଉଁ ଜଙ୍ଗଲରୁ ସେ ପ୍ରତିଦିନ କାଠ କାଟୁଥିଲେ, ତାକୁ ଅତିକ୍ରମ କରି ଆହୁରି ଆଗକୁ ଗଲେ। ପରେ ସେ ଯାହା ଦେଖିଲେ ସେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ବିରାଟ ଚନ୍ଦନ ଗଛର ଜଙ୍ଗଲ। ଏହାକୁ ଆଜି ପର୍ଯ୍ୟନ୍ତ ସେ କେମିତି ଦେଖିପାରି ନ ଥିଲେ ସେ କଥା ଚିନ୍ତା କରି ତାଜୁବ ହୋଇଗଲେ। ଏଣିକି ଆଉ ସାଧାରଣ ଗଛକୁ ନ କାଟି ଚନ୍ଦନ ଗଛକୁ କାଟି ବିକ୍ରୟ କଲେ। ପୂର୍ବାପେକ୍ଷା ଭଲ ଦି'ପଇସା ରୋଜଗାର ହେଲା।

ଏମିତି କିଛିଦିନ ବିତିଗଲା ପରେ ପୂର୍ବକ୍ତ ସାଧୁ ଜଣଙ୍କ ସହ ଭେଟ ହେଲା। ନିଜର ରୋଜଗାର ବଢିଥିବା କଥା କହି ବ୍ୟବସାୟୀ ଜଣକ କୃତଜ୍ଞତା ପ୍ରକାଶ କରୁଥିବା ବେଳେ ସାଧୁ କହିଲେ- ଆଉ ଟିକେ ଆଗକୁ ଯାଅ।

ସାଧୁଙ୍କ ବାଣୀକୁ ନେଇ ପୂର୍ବ ଅଭିଜ୍ଞତା ଥିବାରୁ ବ୍ୟବସାୟୀଟି ଚନ୍ଦନ ଜଙ୍ଗଲକୁ ଅତିକ୍ରମ କରି ଆହୁରି ଆଗକୁ ବଢିଲା। ବାପରେ.. ବାପ...! ବିରାଟ ସୁନା ଖଣିକୁ ସେ ଦେଖିଲା। ଆନନ୍ଦରେ ଗଦ ଗଦ ହେବା ସହ ସାଧୁଙ୍କୁ ମନେମନେ ଶହେ ମୁଣ୍ଡିଆ ମାରିଲା। ଖୁବ୍ କମ୍ ଦିନ ଭିତରେ ବ୍ୟବସାୟୀ ଜଣକ କୋଟିପତି ହୋଇଗଲା। ଏଥରକ ଆଉ ସାଇକେଲ କିମ୍ବା ବାଇକ ନୁହେଁ,ଦାମୀ କାରରେ ଯିବା ଆସିବା କଲା।

ଦିନେ ନିଜ ଗାଡ଼ିରେ ଜଙ୍ଗଲ ମଧ୍ୟ ଦେଇ ସୁନା ଖଣିକୁ ଯାଉଥିବା ସମୟରେ ସେଇ ସାଧୁଙ୍କୁ ଦେଖିପାରି ଚାଳକକୁ ଗାଡ଼ି ଅଟକାଇବା ପାଇଁ ନିର୍ଦ୍ଦେଶ ଦେଲା ଧନୀ ବ୍ୟବସାୟୀ। ସାଧୁଙ୍କ ପାଖକୁ ଯାଇ ପାଦ ତଳେ ଲମ୍ବ ହୋଇ ପଡ଼ିଲା। ସାଧୁ ଆଶୀର୍ବାଦ କରି ପୁଣି ସେଇ ପୁରୁଣା ଆଶୀର୍ବାଦ ଦେଲେ- ଆଉ ଟିକେ ଆଗକୁ ଯାଅ। ଆଉ ପୁଣି ଆଗରେ କ'ଣ ଥାଇପାରେ! ବିଶ୍ୱାସ ହେଲା ନାହିଁ ବ୍ୟବସାୟୀଙ୍କୁ। ଆଗପଛ କିଛି ଚିନ୍ତା ନ କରି ଆଗକୁ ଗାଡ଼ି ଛୁଟାଇବାକୁ ଚାଳକକୁ କହିଲେ। ସୁନା ଖଣିକୁ ଅତିକ୍ରମ କରି ଆହୁରି ଶହେ ମାଇଲ ଯିବା ପରେ ବ୍ୟବସାୟୀଙ୍କ ଆଖିରେ ଯାହା ପଡିଲା ତାହାକୁ ଦେଖି ସେ ନିଜ ଆଖିକୁ ବି ବିଶ୍ୱାସ କରିପାରିଲେ ନାହିଁ। ବିରାଟ ହୀରା ଖଣି.... । କୋଟିପତିରୁ ଅରବ ପତି ବନିଗଲେ ବ୍ୟବସାୟୀ।

ଏସବୁ ଭିତରେ ଧନାଢ୍ୟ ବ୍ୟବସାୟୀଙ୍କ ମନରେ ଦିନେ ଦୁଇଟି ପ୍ରଶ୍ନ ଉଙ୍କିମାରିଲା। ପ୍ରଥମ- ନିଜ ପାଖରେ ଧନ ମିଳିବାର ଏତେ ସବୁ ସୂଚନା ସତ୍ତ୍ୱେ ବି ସାଧୁ କାହିଁକି ଖାଲି ପାଦରେ ଭିକାରି ହୋଇ ବୁଲୁଛନ୍ତି? ଦ୍ୱିତୀୟ- ଏତେ ଧନୀ ହୋଇ ବି ମୋ ମନରେ ସୁଖ ନାହିଁ କି ଶାନ୍ତି ନାହିଁ। ଯେତେ ଧନ ବଢୁଛି ସେତେ ଅଡୁଆ ଏବଂ ଅଶାନ୍ତି ବଢୁଛି। କିନ୍ତୁ ସାଧୁଙ୍କୁ ଯେତେଥର ଭେଟିଛି ପ୍ରତିଥର ତାଙ୍କ ମୁଖ ମଣ୍ଡଳରେ ପ୍ରଶାନ୍ତିର ଅପୂର୍ବ ଛଟା ଦେଖିଚି। ସାଧୁଙ୍କ ପାଖରେ ଏପରି ଆଉ କେଉଁ ଧନ ଅଛି କି? ବ୍ୟବସାୟୀ ଏଇ ଦୁଇ ପ୍ରଶ୍ନକୁ ପଚାରିବା ପାଇଁ ସାଧୁଙ୍କୁ ଡହଳବିକଳ ହୋଇ ଖୋଜି ବୁଲିଲେ। କଥାରେ ଅଛି ମନ ଯାହା ଖୋଜିବୁଲେ ସେ ତାହା ହିଁ ପାଏ। ଅବଶ୍ୟ ବହୁଦିନ ଯାଏ ସାଧୁଙ୍କ କିଛି ଖୋଜଖବର ମିଳିଲା ନାହିଁ। ବ୍ୟବସାୟୀଙ୍କ ଆଖି ଦୁଇଟି ସବୁବେଳେ ସେଇ ସାଧୁଙ୍କ ଉପରେ ଥାଏ। ଦୈବାତ ଭେଟ ମିଳିଗଲା। ଗାଡ଼ିରୁ ଓହ୍ଲାଇ ଦି'ଖୋପାରେ ସେ ଯାଇ ସାଧୁଙ୍କ ପାଖେ ହାଜର। ସାଷ୍ଟାଙ୍ଗ ଦଣ୍ଡବତ କରି ଉଠିଲାବେଳକୁ ସାଧୁଙ୍କ ସେଇ ଚିରାଚରିତ ଆଶୀର୍ବାଦ- ଆଉ ଟିକେ ଆଗକୁ ଯାଅ। ଏ କଥାକୁ ଧ୍ୟାନ ନ ଦେଇ ବ୍ୟବସାୟୀ ନିଜ ମନରେ ଉଙ୍କିମାରିଥିବା ଦୁଇଟି ପ୍ରଶ୍ନକୁ ପଚାରି ଉତ୍ତର ଜିଜ୍ଞାସା କରିବାରୁ ସାଧୁ ପୁନର୍ବାର ଏକା କଥା କହିଲେ- ଆଉ ଟିକେ ଆଗକୁ ଯାଅ।

ବ୍ୟବସାୟୀଟି ନିଜ ମନଲାଖି ଉତ୍ତର ନ ପାଇଥିବାର ଅନୁଭବ କରି ଏଥର ସାଧୁ ବର୍ଣ୍ଣନା କଲେ- ସଂସାରରେ ଆମେ ସମସ୍ତେ ସର୍ବଦା ଏଇ ଧନ ପଛରେ ଗୋଡାଉ। କିନ୍ତୁ ବାସ୍ତବରେ ମନେରଖ ଏହା କେବେ ଆମକୁ ଚିରଈପ୍ସିତ ସୁଖ ଓ ଶାନ୍ତି ଦେଇ ନ ପାରେ। ସବୁଠାରୁ ଶ୍ରେଷ୍ଠ ଧନ ହେଉଛି ଆତ୍ମଧନ। ଏହା ସଂସାରରେ ନ ଥାଏ। ଏହା ବାହାରେ ମିଳେନି। ଏହା ନିଜ ଭିତରେ ଥାଏ। ମୋର 'ଆଉ ଟିକେ ଆଗକୁ ଯାଅ' କହିବାର ଅର୍ଥ ହେଉଛି ତୁମର ଯାତ୍ରା ସେଇ ପର୍ଯ୍ୟନ୍ତ ହେବା ଉଚିତ। କେବଳ ହୀରା ଖଣି ଠେଇଁ ଅଟକିଗଲେ ହେବନି। ହୀରା ଧନଠାରୁ କୋଟିଏ ଗୁଣରେ ଶ୍ରେଷ୍ଠ ଧନ ହେଉଛି ଆତ୍ମଧନ। ଏ ଧନର ଖଣି ମଣିଷର ନିଜ ଭିତରେ ଥାଏ। ତାହା ହିଁ ମଣିଷକୁ ବାସ୍ତବ ସୁଖ, ଶାନ୍ତି ଓ ଆନନ୍ଦ ଦେଇଥାଏ। ମୁଁ ସେଇ ଧନର ଅଧିକାରୀ। ତେଣୁ ବାହାରକୁ ସର୍ବହରା ଭିକାରି ହୋଇ ଖାଲି ପାଦରେ ବୁଲୁଥିଲେ ବି ଭିତରେ ମୁଁ ଖୁବ୍ ଆନନ୍ଦରେ ଅଛି। ମୋଠାରୁ ସୁଖୀ ଲୋକ ବୋଧେ ସଂସାରରେ କେହି ନାହାନ୍ତି।

ବହୁଦିନ ହେଲା ଉତ୍ତର ପାଇବା ପାଇଁ ସନ୍ତପିତ ହୋଇଆସୁଥିବା ବ୍ୟବସାୟୀଟି ଏଥର ନିଜ ମନଲାଖି ଉତ୍ତର ପାଇସାରିବା ପରେ ସାଧୁଙ୍କୁ ପୁନଶ୍ଚ ପ୍ରଣିପାତ କଲେ। ନିଜ ସ୍ତ୍ରୀ, ପିଲାଛୁଆ, ଯାବତୀୟ ଧନ ସମ୍ପତ୍ତିକୁ ପଛରେ ଛାଡ଼ି ଆତ୍ମଧନରୂପକ ଖଣିର ସନ୍ଧାନରେ ସାଧୁଙ୍କ ସହ ପାଦ ପକାଇ ଏବେ ବାଟ ଚାଲିବା ଆରମ୍ଭ କଲେ ସେ।



ପାଠକେ! ଗତ ପ୍ରସ୍ଥରେ ଆମେ ଆଲୋଚନା କରୁଥିଲେ ଯେ ପଶୁପକ୍ଷୀଙ୍କଠାରୁ ମନୁଷ୍ୟ ପାଖରେ ଯେଉଁ ଅଧିକା ଗୁଣଟି ଅଛି ତା ହେଉଛି 'ଚେତନା'। ପଶୁପକ୍ଷୀମାନେ ମଣିଷଙ୍କ ପରି ଭୋଜନ କରନ୍ତି, ଶୟନ କରନ୍ତି, ଭୟ କରନ୍ତି ଏବଂ ବଂଶ ବିସ୍ତାର କରନ୍ତି। କିନ୍ତୁ ମନୁଷ୍ୟଠାରେ ଯେଉଁ ଚେତନା ଶକ୍ତିଟି ଅଛି, ତାହା ଇତର ଯୋନିର ପ୍ରାଣୀମାନଙ୍କଠାରେ ନ ଥାଏ। ସେ ଚେତନା କ'ଣ? କେବଳ ମଣିଷ ହିଁ ଚିନ୍ତା କରିପାରେ ଯେ ସେ କିଏ? ସେ କେଉଁଠୁ ଆସିଛି? ମଲା ପରେ ସେ କୁଆଡେ ଯିବ? ତା' ଭିତରେ ଆତ୍ମା ବା ଭଗବାନ କେଉଁଠି ଅଛନ୍ତି? ଭଗବାନଙ୍କୁ ପାଇବାର ଉପାୟ କ'ଣ? - ଏହାକୁ କୁହନ୍ତି ଚେତନା। ଗାଈ ବା କୁକୁରଟିଏ କ'ଣ କେବେ ଚିନ୍ତା କରେ କି ଯେ କିଏ ତାକୁ ସୃଷ୍ଟି କରିଛି ବୋଲି? ଆଦୌ ନୁହେଁ। ମଣିଷ ଚିନ୍ତା କରିପାରେ। ଯିଏ ଚିନ୍ତା ନ କରୁଛି ଜାଣନ୍ତୁ ଯେ ସେ ମଣିଷ ଜନମ ବା ଶରୀରଟିଏ ପାଇଛି ସତ କିନ୍ତୁ ତା' ଭିତରେ ମଣିଷତ୍ୱ ନାହିଁ। ଏଭଳି ମଣିଷଙ୍କ ସଂଖ୍ୟା ଆଜିକାର ଦୁନିଆରେ ଅଭାବ ନାହିଁ। ଦିନରାତି କେମିତି ଦୁର୍ନୀତି, ଟାଉଟରି, ଲାଞ୍ଚ ନେଇ ଧନ ରୋଜଗାର କରିବି ଆଉ ଖାଇବି। ମୁଁ ଖାଇବି, ମୋ ପିଲାଛୁଆ ଖାଇବେ ଏବଂ ଆଗାମୀ ଦଶ ପିଢ଼ି ପର୍ଯ୍ୟନ୍ତ ଖାଇବେ। ମୁଁ ଏକୁଟିଆ କେମିତି ଭଲରେ ରହିବି.. ମୋ ପରିବାର କେମିତି ଭଲରେ ରହିବେ.. ଏଇ ଚିନ୍ତାରେ ଦିନରାତି ଭାବି ହେଉଥାଏ। ଏବେ ଯେଉଁ କୁବେର ଯନ୍ତ୍ରୀ, ଅନେକ ପ୍ଲଟ ବା ଫ୍ଲାଟର ମାଲିକ, କୋଟିପତି କିରାଣି, ଡାକ୍ତର, ଆଇଏଏସ୍ ଅଫିସର ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଉଛନ୍ତି ସେମାନେ ସବୁ ଏଇ ଧରଣର ମଣିଷ। ସବୁ ଯେ ଧରା ପଡୁଛନ୍ତି ତା' ନୁହେଁ, ପଙ୍କରେ କୋଚିଆ ଲୁଚି ରହିବା ପରି ଅନେକେ ଆଇନର ଜାଲ ବାହାରେ ରହିଯାଉଛନ୍ତି। ସେମାନଙ୍କୁ ଈଶ୍ୱର ନିଶ୍ଚେ ଦଣ୍ଡ ଦେବେ। କେହି ଦଣ୍ଡରୁ ମୁକ୍ତ ହୋଇପାରିବେ ନାହିଁ।

ପାଠକେ, ଆମେ ମଣିଷ ଜନ୍ମ ପାଇଛେ। ସବୁ କାମ ସହିତ ଆମର ସବୁଠାରୁ ବଡ଼ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ନିଜ ଭିତରେ ଥିବା ଈଶ୍ୱରଙ୍କୁ ଖୋଜିବା। ମୋତେ ଦିନେ ଯେ ଏ ଦୁନିଆକୁ ଛାଡି ଚାଲିଯିବାକୁ ହେବ, ଏ କଥାକୁ ଧାରଣାରେ ରଖିବା। ଯେଉଁ ସୁନ୍ଦର ପୃଥିବୀକୁ ମୋତେ ଉପହାର ସ୍ୱରୂପ ଈଶ୍ୱର ଦେଇଛନ୍ତି, ସେଇ ପୃଥିବୀର ହିତ ପାଇଁ, ମୋ ଚାରିପଟେ ଥିବା ସମାଜର ମଙ୍ଗଳ ପାଇଁ ମଧ୍ୟ ମୋର କିଛି କରିବାର ଅଛି। ମୁଁ ଶହେ ଲୋକଙ୍କୁ ଖାଇବାକୁ ନ ଦେଇପାରେ କିନ୍ତୁ ଗୋଟିଏ ଭୋକିଲା ଲୋକକୁ ତ ଖାଇବାକୁ ଦେଇ ପାରିବି ନା। ଏବେ ପରିବେଶ ପ୍ରଦୂଷିତ। ଦିଲ୍ଲୀ ପରି ସହରରେ ନିଃଶ୍ୱାସ ନେବାକୁ ଏବେ କଷ୍ଟ। ଦେଖିବେ ଆଉ କିଛି ବର୍ଷ ପରେ ଅକ୍ସିଜେନ ସିଲିଣ୍ଡରକୁ ଏ ମଣିଷ ନିଜ ପିଠିରେ ପକାଇ ବୁଲିବ। ଏ ପରିସ୍ଥିତିରେ ଦଶଟି ନ ହେଲେ ନାହିଁ ଗୋଟିଏ ଗଛ ଲଗାଇ ପାରିବି ତ। ଏହାକୁ ବି କୁହନ୍ତି ଚେତନା। କେବଳ ଐଶ୍ୱରିକ ଚିନ୍ତା କରିବା ଯେ 'ଚେତନା' ପର୍ଯ୍ୟାୟବାଚୀ ହେବ ତା ନୁହେଁ, ଆମକୁ ଘେରି ରହିଥିବା ଦୁସ୍ଥ ମଣିଷ ବା ବିବର୍ଣ୍ଣ ବସୁଧାର ମଙ୍ଗଳ ପାଇଁ ଚିନ୍ତା ପ୍ରକଟ କରିବା ପ୍ରତ୍ୟେକ ଚେତନଶୀଳ ମଣିଷର କର୍ତ୍ତବ୍ୟ ହେବା ଉଚିତ।

ତେବେ ମଣିଷ ବ୍ୟତୀତ ଅନ୍ୟ ପଶୁପକ୍ଷୀଙ୍କଠାରେ ସେ 'ଚେତନା' ଟିକକୁ ସୃଷ୍ଟି କର୍ତ୍ତା କାହିଁକି ପ୍ରଦାନ କରିନାହାନ୍ତି, ସେ ବିଷୟରେ ଆଗାମୀ ସଂଖ୍ୟାରେ ଆଲୋଚନା ରଖିବା।

-ପ୍ରିନ୍ସିପାଲ,ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ, ମୋ-୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ବିତର୍କ ବଳୟ


(ଶ୍ରୀ ଜଗନ୍ନାଥ ଓ ଶ୍ରୀ ମନ୍ଦିର ପ୍ରସଙ୍ଗ)
ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର
ପ୍ରକାଶକ-ପ୍ରଭାଂଶୁ ସାମନ୍ତରାୟ
ଦିବ୍ୟଦ୍ୟୁତ ପ୍ରକାଶନୀ, ରାଜାବଗିଚା, କଟକ-୯
ମୂଲ୍ୟ- ୧୭୫ ଟଙ୍କା।




ଏହା ଏକ ସମ୍ପାଦିତ ପୁସ୍ତକ। ଏଥିରେ ଦୀର୍ଘ ୩୦ ପୃଷ୍ଠାର ମୁଖବନ୍ଧ ଲେଖିଛନ୍ତି ଡକ୍ଟର ମିଶ୍ର। ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣର ଐତିହ୍ୟକୁ ଶାସ୍ତ୍ରୀୟ ଭିତ୍ତିଭୂମି ଦୃଷ୍ଟିରୁ ବିଚାର ଆରମ୍ଭ କରାଯାଉଛି। ପରିଦୃଶ୍ୟମାନ ମନ୍ଦିରର ବହୁ ପୂର୍ବରୁ ମହାପ୍ରଭୁ ଉପାସିତ ହେଉଥିଲେ। ତେବେ ଏହି ପରିଦୃଶ୍ୟମାନ ମନ୍ଦିର ଅଷ୍ଟମ ନା ନବମ ମନ୍ଦିର, ପୂର୍ବରୁ ନିର୍ମିତ ମନ୍ଦିର କେବେ କାହାଦ୍ୱାରା ନିର୍ମିତ ହୋଇଥିଲା ତା'ର ଶାସ୍ତ୍ରଭିତ୍ତିକ ଆଲୋକପାତ ଗବେଷଣା ଦୃଷ୍ଟିରୁ ଅପରାଧ ନୁହେଁ ଏ ଦିଗଟି ଲୋକଲୋଚନକୁ ଆସୁ। ବିଚାରବୋଧରେ କାର୍ପଣ୍ୟ ନ ରହୁ। ଗ୍ରହଣ କରିବା ନ କରିବା ବଡ଼ କଥା ନୁହେଁ। ଆମ ମହାଜନମାନେ ପୋଥି ପୁରାଣରେ ଲେଖିଯାଇଥିବା କଥା ତ ଆମେ ଜାଣିବା ବୋଲି କହିଛନ୍ତି ଡକ୍ଟର ମିଶ୍ର। ପୁସ୍ତକରେ ପ୍ରଥମ ପରିଚ୍ଛେଦରୁ ଆରମ୍ଭ ହୋଇ ତୃତୀୟ ପରିଚ୍ଛେଦରେ ଶେଷ ହୋଇଛି। ଏଥିରେ ଲେଖକ ଡକ୍ଟର ମିଶ୍ରଙ୍କର ୪ଟି ଲେଖା ସ୍ଥାନିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ବେଣୀମାଧବ ପାଢୀ, ଦୀନନାଥ ଦାଶ, ମଦନମୋହନ ପାଣିଗ୍ରାହୀ, ଗୌରୀକୁମାର ବ୍ରହ୍ମା, ନିମାଇଁ ଚରଣ ଦାସ, ସୂର୍ଯ୍ୟନାରାୟଣ ପାଢୀ, ଭାଗୀରଥି ମହାସୁଆର, କାହ୍ନୁଚରଣ ମିଶ୍ର ଓ ରବି ରାୟ ଆଦିଙ୍କ ଉଚ୍ଚକୋଟିର ଲେଖା ସ୍ଥାନ ପାଇଛି। ଲେଖକ ଡକ୍ଟର ମିଶ୍ର ଶ୍ରୀ ମନ୍ଦିର ସମ୍ପର୍କରେ ଅନେକ ଐତିହାସିକ ତଥ୍ୟ ସ୍ଥାନିତ କରିଛନ୍ତି।

### ଭୂମିଜ ଆଦିବାସୀଙ୍କ ଇତିହାସ

ଡକ୍ଟର ପ୍ରଦୀପ କୁମାର ସ୍ୱାଇଁ
ପ୍ରକାଶକ-ଜ୍ଞାନଯୁଗ ପବ୍ଲିକେଶନ
ଆଇଆରସି ଭିଲେଜ, ଭୁବନେଶ୍ୱର-୧୫
ମୂଲ୍ୟ- ୧୮୦ ଟଙ୍କା




ଭୂମିଜ ଆଦିବାସୀଙ୍କ ଇତିହାସ ଡକ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ପୁସ୍ତକ। ଏଥିରେ ସେ ଭୂମିଜ ଆଦିବାସୀଙ୍କ ବିଷୟରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ମୁଣ୍ଡା ଗୋଷ୍ଠୀର ଅନ୍ୟାନ୍ୟ ଜନଜାତିଙ୍କ ମଧ୍ୟରେ ଭୂମିଜ ଅନ୍ୟତମ। ଭାଷା ଦୃଷ୍ଟିରୁ ସାନ୍ତାଳି, ହୋ, ମୁଣ୍ଡା, ମାହାଲି ଓ ଭୂମିଜ ସହୋଦର। ତେବେ ଆର୍ଯ୍ୟମାନଙ୍କର ଅନୁଗାମୀ ହେବା ଫଳରେ ଭୂମିଜ ସମ୍ପ୍ରଦାୟ ଉପଗୋଷ୍ଠୀର ବିବର୍ତ୍ତନ ହୋଇଛି। ଆର୍ଯ୍ୟମାନଙ୍କ ଆଗମନ ସମୟରେ ଭୂମିଜ ମୁଣ୍ଡାମାନେ ସିନ୍ଧୁନଦୀ ଉପତ୍ୟକାରେ ବସବାସ କରୁଥିଲେ। ଆର୍ଯ୍ୟମାନେ ମୁଣ୍ଡା ସମ୍ପ୍ରଦାୟର ଏହି ଲୋକମାନଙ୍କୁ ଚାଷ କାର୍ଯ୍ୟରେ ଲିପ୍ତ ରହୁଥିବାର ଦେଖି ସମ୍ଭବତଃ ଭୂମିଜ ଆଖ୍ୟା ଦେଇଥିଲେ। ଭୂମିଜମାନେ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର ତଥା ବାଲେଶ୍ୱର ଜିଲାରେ ବସବାସ କରନ୍ତି। ପୁସ୍ତକଟି ଆଦିବାସୀ ଗବେଷକ, ଛାତ୍ରଛାତ୍ରଙ୍କ ଲାଗି ନିଶ୍ଚୟ ଉପଯୋଗୀ ହେବ ଏଥିରେ ସନ୍ଦେହ ନାହିଁ।

ବ୍ୟାକ୍ ପେଜ୍

# ଭଡ଼ାରେ ଜେଜେ ମା'



ଜେଜେମା' ଘରର ଏମିତି ଜଣେ ମଣିଷ ଯାହା ସହ ନିଜର ଦୁଃଖସୁଖ ବାଣ୍ଟିହୁଏ। ତାଙ୍କ ହାତରନ୍ଧା ସ୍ୱାଦିଷ୍ଟ ଖାଦ୍ୟ ସାରାଦିନର କଷ୍ଟ ଭୁଲାଇଦିଏ। ତେଣୁ ଯାହା ପାଖରେ ଜେଜେମା' ନ ଥାଆନ୍ତି ସେମାନଙ୍କ ମନରେ ଥାଏ ଏକ ବଡ଼ ଅବସୋସ। ହେଲେ ଏବେ ଏହି ଶୂନ୍ୟସ୍ଥାନକୁ ପୂରଣ କରିବ ଜାପାନର ଏକ କମ୍ପାନୀ। କ୍ଲାଏଣ୍ଟ ସର୍ଭିସେସ ହେଉଛି ସେହି ଜାପାନୀ କମ୍ପାନୀ ଯିଏ ଭଡାରେ ଜେଜେମା' ଯୋଗାଇଦେବ। ଆଉ ସେହି ଜେଜେମା' ଘରକୁ ସଫାସୁତୁରା କରିବାଠାରୁ ଆରମ୍ଭ କରି ସହ ଶିଶୁର ଯତ୍ନ ଏବଂ ପାଳିତ ପଶୁଙ୍କ ସେବା କରିବେ। କେବଳ ସେତିକି ନୁହେଁ, ଏହି ସଂସ୍ଥାର କର୍ମଚାରୀ ଆପଣଙ୍କ ପାଇଁ କାହାରି କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ, ଆପଣଙ୍କ ତରଫରୁ କାହାକୁ କ୍ଷମା ମାଗିପାରିବେ ଏବଂ କର୍ମକ୍ଷେତ୍ରରେ ଆପଣଙ୍କ ପାଇଁ ଚାକିରି ମଧ୍ୟ ଛାଡ଼ିପାରିବେ ; ଯାହାଦ୍ୱାରା ଆପଣଙ୍କୁ ଅସ୍ୱସ୍ତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ତେବେ ସେମାନଙ୍କର ସବୁଠାରୁ ଲୋକପ୍ରିୟ ସେବା ହେଉଛି 'ଓକେ ଗ୍ରାଣ୍ଡମା' ସେବା, ଏଥିରେ ଯେ କେହି ବି ଘଣ୍ଟା ପ୍ରତି ୩୩୦୦ ୟେନରେ ୬୦ ରୁ ୯୪ ବର୍ଷ ବୟସର ବରିଷ୍ଠ ମହିଳାଙ୍କୁ ଭଡ଼ାରେ ନେଇପାରିବେ। ତା'ସହ ତାଙ୍କ ପରିବହନ



ଶୁଳ୍କ ଏବଂ ଏକାଠି ସମୟ ବିତାଇବା ବେଳେ ଜେଜେମା'ଙ୍କର ଆବଶ୍ୟକୀୟ ଖର୍ଚ୍ଚ ବି ଦେବେ। ଓକେ ଗ୍ରାଣ୍ଡ ମା', ଓରଫ ଓକେ ଓସ୍ବା-ଚାନ୍ ସେବା ଉକ୍ତ କ୍ଲାଏଣ୍ଟ ସର୍ଭିସେସ ପ୍ରତିଷ୍ଠା ହେବାର ଦୁଇ ବର୍ଷ ପରେ ୨୦୧୨ରେ ଆରମ୍ଭ ହୋଇଥିଲା। ଏହା ଏବେ କମ୍ପାନୀର ସବୁଠାରୁ ଲୋକପ୍ରିୟ ସେବା ମଧ୍ୟରୁ ଗୋଟିଏ। ଏଥିରେ ବରିଷ୍ଠ ମହିଳାମାନେ ନିଜ ଜୀବନର ଅଭିଜ୍ଞତାକୁ ଅନ୍ୟମାନଙ୍କ ସେବାରେ ଉପଯୋଗ କରନ୍ତି। ତା'ସହ ସ୍ୱାଦିଷ୍ଟ ଘରୋଇ ଖାଦ୍ୟ ତିଆରି କରି ପରଷନ୍ତି। ଅବସାଦରେ ଥିବା ବ୍ୟକ୍ତିଙ୍କ ହୃଦୟର କଥା ଶୁଣନ୍ତି। ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଅନ୍ତି। ଏମିତି କି ଯଦି ଆପଣଙ୍କ ବିବାହରେ ପରିବାର ସଦସ୍ୟଙ୍କ ସଂଖ୍ୟା କମ୍ ଅଛନ୍ତି ତେବେ ଗ୍ରାଣ୍ଡ ମା' ସେବାରେ ଭଡାରେ ଜେଜେମା' ନେଇପାରିବେ।

# ଫ୍ରାଏଡ ଏଗ୍ ଜେଲିଫିଶ୍







ଜେଲି ଫିଶ୍ ଏକ ସାମୁଦ୍ରିକ ପ୍ରାଣୀ। ଦେଖିବାକୁ ଛତା ଭଳି। ତେବେ ଜାଣନ୍ତି କି ଏମିତି ବି ଏକ ଜେଲିଫିଶ୍ ଅଛି ଯାହାକୁ ଦେଖିଲେ ଲୋଭ ହେବ ଓ ଖାଇବାକୁ ଇଚ୍ଛା ହେବ। କାରଣ ଏହା ଦେଖିବାକୁ ଫ୍ରାଏଡ ଏଗ୍ ପରି। ଅର୍ଥାତ୍ ପ୍ୟାନ୍ ଉପରେ ଅଣ୍ଡାକୁ ଫଟାଇ ଫ୍ରାଏ କଲାବେଳେ ଅଣ୍ଡାର ଧଳା ଅଂଶ ମଝିରେ କେଶର ଯେମିତି ଦେଖାଯାଏ ଠିକ୍ ସେହିଭଳି ଏହି ଜେଲିଫିଶ ଦେଖାଯାଏ। ଅର୍ଥାତ୍ ଜେଲିଫିଶ୍‌ର ଉପରଭାଗର ଗୋଲାକାର ଅଂଶର ମଝିରେ ଅଣ୍ଡାର କେଶର ଭଳି ଏକ ଛୋଟ ଗୋଲାକାର ଅଂଶ ଉଠି ରହିଥାଏ ଓ ତା'ର ଚାରିପଟେ ଅଣ୍ଡାର ଧଳା ଅଂଶ ପରି ଥାଏ। ଏଭଳି ଲୁକ୍ ପାଇଁ ହିଁ ଏହାର ନାମ 'ଫ୍ରାଏଡ ଏଗ୍ ଜେଲିଫିସ' ଓ 'ଏଗ୍ ୟୋଲ୍କ ଜେଲିଫିସ' ରଖାଯାଇଛି। ଏହା ଏକ ଆକର୍ଷଣୀୟ ସାମୁଦ୍ରିକ ପ୍ରାଣୀ। ଏହି ଜେଲିଫିଶ୍ ଭୂମଧ୍ୟସାଗର, ଆଡ୍ରିଆଟିକ ଏବଂ ଏଜିଆନ ସାଗରରେ ଦେଖାଯାଆନ୍ତି ଏବଂ ବେଳେବେଳେ ଆଟଲାଣ୍ଟିକ ମହାସାଗରରେ ଦେଖାଯାଆନ୍ତି। ଏହି ଜେଲିଫିସ ସେମାନଙ୍କର କମ ଜୀବନକାଳ ଏବଂ ଅପେକ୍ଷାକୃତ ମୃଦୁ ଦଂଶନ ପାଇଁ ପରିଚିତ। ଏହାର ଦଂଶନ ମଣିଷଙ୍କ ପାଇଁ ଏତେ କ୍ଷତିକାରକ ନୁହେଁ। ଏମାନଙ୍କ ଜୀବନକାଳ ଗ୍ରୀଷ୍ମରୁ ଶୀତକାଳ ପର୍ଯ୍ୟନ୍ତ। ଅର୍ଥାତ୍ ମାତ୍ର ୬ ମାସର। ସମୁଦ୍ର କଇଁଛ ଓ ଅନ୍ୟ ସାମୁଦ୍ରିକ ଜୀବ ଏହାକୁ ଶିକାର କରନ୍ତି।

# ପ୍ଲାଷ୍ଟିକ ବୋତଲରେ ଦ୍ୱୀପ



ତିଆରି ଚାଲିଛି ସମ୍ପୂର୍ଣ୍ଣ ଭାବରେ ପ୍ଲାଷ୍ଟିକ ବୋତଲରେ ତିଆରି ଏକ ଦ୍ୱୀପ। ତାହା ପୁଣି ହାୱାଇ ଦ୍ୱୀପ ଆକାରର ଏବଂ ଏଠାରେ ଜନବସତି ବି ସ୍ଥାପନ କରାଯିବାର ଲକ୍ଷ୍ୟ ରହିଛି। ଡେଲି ଟେଲିଗ୍ରାଫ ରିପୋର୍ଟ ଅନୁଯାୟୀ, ଡଚ ବୈଜ୍ଞାନିକମାନଙ୍କର ଏକ ଦଳ ପ୍ରଶାନ୍ତ ମହାସାଗରରେ ବର୍ତ୍ତମାନ ବୁଡ଼ି ରହିଥିବା ୪୪ ନିୟୁତ କିଲୋଗ୍ରାମ ପ୍ଲାଷ୍ଟିକ ଆବର୍ଜନାକୁ ରିସାଇକେଲ କରି ତାକୁ ଦ୍ୱୀପରେ ପରିଣତ କରିବାକୁ ଯୋଜନା କରୁଛନ୍ତି। ଏହି ଦ୍ୱୀପରେ ଜନବସତି ସ୍ଥାପନ କରିବା ଲାଗି ସୌରଶକ୍ତି ଏବଂ ତରଙ୍ଗ ଶକ୍ତି ବ୍ୟବହାର କରାଯିବ। ଉକ୍ତ ପ୍ରକଳ୍ପର ମୁଖପାତ୍ର କୁହନ୍ତି: 'ଏହି ପ୍ରକଳ୍ପର ତିନୋଟି ମୁଖ୍ୟ ଲକ୍ଷ୍ୟ ରହିଛି ତାହା ହେଉଛି ମହାସାଗରକୁ ବିପୁଳ ପରିମାଣର ପ୍ଲାଷ୍ଟିକ ଆବର୍ଜନାରୁ ସଫା କରିବା, ନୂତନ ଭୂମି ସୃଷ୍ଟି କରିବା ଏବଂ ଏକ ସ୍ଥାୟୀ ଆବାସ ସ୍ଥଳି ନିର୍ମାଣ କରିବା। ପ୍ରଶାନ୍ତ ମହାସାଗରରେ ବର୍ତ୍ତମାନ ବିଶ୍ୱର ସର୍ବାଧିକ ପରିମାଣର ପ୍ଲାଷ୍ଟିକ ଆବର୍ଜନା ରହିଛି, ଯାହାକି ସାମୁଦ୍ରିକ ଜୀବନ ପାଇଁ ଘାତକ। ସେହି ପ୍ଲାଷ୍ଟିକକୁ ରିସାଇକେଲ କରି ଫମ୍ପା, ଭାସମାନ ବ୍ଲକରେ ରୂପାନ୍ତରିତ କରାଯିବ, ଯାହାକି ଦଶ ହଜାର ବର୍ଗ କି.ମି. ଭାସମାନ ଦ୍ୱୀପର ମୂଳଦୁଆ ହେବ। ଏଠାରେ ଆଧୁନିକ ସହର ସହିତ, କୃଷି ପାଇଁ ଏକ ବିଶାଳ ଅଞ୍ଚଳ ସୃଷ୍ଟି କରାଯିବ।